ବର୍ଷ-୨୫, ସଂଖ୍ୟା-୧୦୨
ଭୁବନେଶ୍ୱର
୧୪, ଏପ୍ରିଲ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 102
Bhubaneswar
14, April, 2025, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat





# ଆଜି ହରିଆନା ଗସ୍ତରେ ଯିବେ ମୋଦୀ

ନୂଆଦିଲ୍ଲୀ, ୧୩।୪(ମହାଭାରତ): ଆମ୍ବେଦକର ଜୟନ୍ତୀ ଅବସରରେ ଏପ୍ରିଲ ୧୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ହରିଆନା ଗସ୍ତରେ ଯିବେ । ହରିଆନାରେ ସେ ସର୍ବପ୍ରଥମେ ହିସାର ଯିବେ ଏବଂ ପୂର୍ବାହ୍ନ ପ୍ରାୟ ୧୦ଟା ୧୫ ମିନିଟରେ ହିସାରରୁ ଅଯୋଧ୍ୟା ପର୍ଯ୍ୟନ୍ତ ବାଣିଜ୍ୟିକ ବିମାନ ଉଡ଼ାଣର ଶୁଭାରମ୍ଭ କରିବେ । ଏଥିସହ ସେ ହିସାର ବିମାନବନ୍ଦରରେ ନୂଆ ଟର୍ମିନଲ ଭବନର ଶିଳାନ୍ୟାସ କରିବେ । ପ୍ରଧାନମନ୍ତ୍ରୀ ହିସାରରେ ଏକ ଜନସଭାକୁ ସମ୍ବୋଧିତ କରିବେ ।

ଏହାପରେ ମଧ୍ୟାହ୍ନ ପ୍ରାୟ ୧୨ଟା ୩୦ ମିନିଟରେ ପ୍ରଧାନମନ୍ତ୍ରୀ ଯମୁନାନଗରରେ ବିକାଶ ପରିଯୋଜନାର ଉଦଘାଟନ ଏବଂ ଶିଳାନ୍ୟାସ କରିବେ । ଏହି ଅବସରରେ ଶ୍ରୀ ମୋଦୀ ଉପସ୍ଥିତ ଜନସମାବେଶକୁ ସମ୍ବୋଧିତ କରିବେ ।

ବିମାନ ଉଡ଼ାଣକୁ ସୁରକ୍ଷିତ, ସର୍ବ-ସୁଲଭ ଏବଂ ସାମର୍ଥ୍ୟଯୁକ୍ତ କରିବା ଦିଗରେ ପ୍ରତିବଦ୍ଧତା ସ୍ୱରୂପ ପ୍ରଧାନମନ୍ତ୍ରୀ ହିସାରସ୍ଥିତ ମହାରାଜା ଅଗ୍ରସେନ ବିମାନବନ୍ଦରର ନୂଆ ଟର୍ମିନଲ ଭବନର ଶିଳାନ୍ୟାସ କରିବେ । ଏଥିପାଇଁ ୪୧୦ କୋଟିରୁ ଅଧିକ ଟଙ୍କା ବ୍ୟୟ ବରାଦ ହୋଇଛି । ଏଥିରେ ଏକ ଅତ୍ୟାଧୁନିକ ଯାତ୍ରୀ ଟର୍ମିନଲ, ଏକ କାର୍ଗୋ ଟର୍ମିନଲ ଏବଂ ଏକ ଏଟିସି ଭବନ ରହିବ । ପ୍ରଧାନମନ୍ତ୍ରୀ ହିସାରରୁ ଅଯୋଧ୍ୟାକୁ ପ୍ରଥମ ବିମାନ ଉଡ଼ାଣର ଶୁଭାରମ୍ଭ କରିବେ । ହିସାରରୁ ଅଯୋଧ୍ୟାକୁ (ସପ୍ତାହକୁ ଦୁଇଥର) ନିର୍ଦ୍ଧାରିତ ଉଡ଼ାଣ ସହ ଜମ୍ମୁ, ଅହମ୍ମଦାବାଦ, ଜୟପୁର ଏବଂ ଚଣ୍ଡିଗଡ଼କୁ ସପ୍ତାହକୁ ତିନି



ଥର ଉଡ଼ାଣ ସାମିଲ ହେବ । ଏହାଦ୍ୱାରା ହରିଆନାରେ ଆକାଶ ପଥରେ ସଂଯୋଗକୁ ଏକ ବଡ଼ ଉପଲବ୍ଧି ମିଳିବ ।

ବିଜୁଳି କ୍ଷେତ୍ରରେ ମୌଳିକ ଢାଂଚାକୁ ବଢ଼ାଇବା ସହ ସର୍ବଶେଷ ସ୍ଥାନରେ ବିଜୁଳି ଉପଲବ୍ଧ କରାଇବା ଦୃଷ୍ଟିକୋଣ ଅନୁସାରେ ପ୍ରଧାନମନ୍ତ୍ରୀ ଯମୁନାନଗରସ୍ଥିତ ଦୀନବନ୍ଧୁ ଛୋଟୁ ରାମ ଥର୍ମାଲ ପାୱାର ପ୍ଲାଂଟରେ ୮୦୦ ମେଗାୱାଟ ଆଧୁନିକ ଥର୍ମାଲ ୟୁନିଟର ଶିଳାନ୍ୟାସ କରିବେ । ୨୩୩ ଏକର ପରିବ୍ୟାପ୍ତ ଏହି ୟୁନିଟରେ ୮୪୭୦ କୋଟି ଟଙ୍କା ଖର୍ଚ୍ଚ ହେବ । ଏହା ବିଦ୍ୟୁତ କ୍ଷେତ୍ରରେ ହରିଆନାକୁ ଆତ୍ମନିର୍ଭର କରିବା ସହ ରାଜ୍ୟବ୍ୟାପୀ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣରେ ସହାୟକ ହେବ ।ଗୋବର୍ଦ୍ଧନ ତଥା ଜୈବିକ ଜୈବ-କୃଷି ସମ୍ପଦକୁ ଆଗେଇ ନେବା ଦୃଷ୍ଟିକୋଣରେ ପ୍ରଧାନମନ୍ତ୍ରୀ ଯମୁନାନଗରର ମୁକାରବପୁରଠାରେ ଏକ ବାୟୋଗ୍ୟାସ ପ୍ଲାଂଟର ଶିଳାନ୍ୟାସ କରିବେ । ଏହି ପ୍ଲାଂଟର ବାର୍ଷିକ ଉତ୍ପାଦନ କ୍ଷମତା ୨୬୦୦ ମେଟ୍ରିକ ଟନ୍ ରହିବ ଏବଂ ଜୈବ ବର୍ଜ୍ୟ ପରିଚାଳନାରେ ସହାୟକ ହୋଇପାରିବ । ଏହି ପ୍ଲାଂଟ ସ୍ୱଚ୍ଛଶକ୍ତି ଉତ୍ପାଦନ ଏବଂ ପର୍ଯ୍ୟାବରଣ ଶକ୍ତି ସଂରକ୍ଷଣ ଦିଗରେ ମଧ୍ୟ ସହାୟକ ହେବ ।

ପ୍ରଧାନମନ୍ତ୍ରୀ ଭାରତମାଳା ଯୋଜନାରେ ପ୍ରାୟ ୧୦୭୦ କୋଟି ଟଙ୍କା ନିବେଶରେ ନିର୍ମିତ ୧୪.୪ କିଲୋମିଟର ଦୈର୍ଘ୍ୟର ରେୱାଡ଼ି ବାଇପାସ୍ ପ୍ରକଳ୍ପର ଉଦଘାଟନ କରିବେ । ଏହି ବାଇପାସ୍ ଦ୍ୱାରା ରେୱାଡ଼ି ସହରରେ ଭିଡ଼ ହ୍ରାସ ପାଇବ ଏବଂ ଦିଲ୍ଲୀ-ନାରନୋଲର ଯାତ୍ରା ଅବଧି ପ୍ରାୟ ଏକ ଘଂଟା ହ୍ରାସ ପାଇବ । ଏହାଦ୍ୱାରା ଏହି ଅଂଚଳରେ ଆର୍ଥିକ ଓ ସାମାଜିକ ଗତିବିଧି ମଧ୍ୟ ବୃଦ୍ଧି ପାଇବ ।

## ବାଣ କାରଖାନାରେ ବିସ୍ଫୋରଣ, ୮ ମୃତ

ଅନକାପଲ୍ଲୀ, ୧୩।୪: ଆନ୍ଧ୍ରପ୍ରଦେଶର ଅନକାପଲ୍ଲୀରେ କୋଟାଭୁରାଟଲା ମଣ୍ଡଳର କୈଳାସପଟ୍ଟନମରେ ଏକ ବାଣ କାରଖାନାରେ ରବିବାର ଭୟାବହ ବିସ୍ଫୋରଣ ପରେ ନିଆଁ ଲାଗିବା କାରଣରୁ ୨ଜଣ ମହିଳାଙ୍କ ସମେତ୮ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ସେହିପରି ୬ଜଣ ଆହତ ହୋଇଛନ୍ତି । ଆହତଙ୍କୁ ହସ୍ପିଟାଲ ନିଆଯାଇଛି, ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ରହିଛି । ସୂଚନା ପାଇବା ମାତ୍ରେ ଦମକଳ ବାହିନୀ ଓ ପୋଲିସ ଘଟଣାସ୍ଥଳରେ ପହଂଚିଛନ୍ତି ଏବଂ ରେସକ୍ୟୁ କାମ ଆରମ୍ଭ କରିଛନ୍ତି । ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଦୁଃଖ ପ୍ରକାଶ କରିଛନ୍ତି । ଜିଲ୍ଲାପାଳଙ୍କୁ ପୂରା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

# ହନୁମାନ ଜୟନ୍ତୀ ପାଇଁ ସାରା ରାଜ୍ୟରେ ସୁରକ୍ଷା ବ୍ୟବସ୍ଥା କଡାକଡି

ଭୁବନେଶ୍ୱର,(ମହାଭାରତ) ହନୁମାନ ଜୟନ୍ତୀ ପଶ୍ଚିମ, ପୂର୍ବ ଓ ଉତ୍ତର ଓଡିଶାରେ ପାଳନ କରାଯାଏ । ୯ ଟି ଜିଲ୍ଲା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରେ ଏହା ପାଳନ କରାଯାଏ । ଏନେଇ ଆଇନ ଶୃଙ୍ଖଳା ଏଡିଜି ସୂଚନା ଦେଇଛନ୍ତି ।

ହନୁମାନ ଜୟନ୍ତୀ ପାଇଁ ୭ କମ୍ପାନୀ ସିଏସପିଏଫ ଅଛନ୍ତି । ତିନୋଟି କମ୍ପାନୀ ଆରଏପିଏଫ ମୁତୟନ. ୨୦୦ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ । ୬୫୦ସିସିଟିଭି କ୍ୟାମେରା ଲାଗିଛି । ୫୦ଟି ଡ୍ରୋନ ଲାଗିଛି । ସବୁ ଜିଲ୍ଲାରେ କଂଟ୍ରୋଲ ରୁମ ଖୋଲା ଯାଇଛି । ସମ୍ବଲପୁରରେ ୨୦ ଟି ଅତିରିକ୍ତ ଗାଡି ଦିଆଯାଇଛି । ଗାଡିରେ ୩୬୦ କ୍ୟାମେରା ଲାଗିଛି । ସେସବୁ ଗାଡି ସହରରେ ବୁଲିବ । ସମ୍ବେଦନଶୀଳ ସ୍ଥାନ ମାନଙ୍କରେ ପୋଲିସ ବ୍ୟାରିକେଡ଼ କରାଯାଇଛି । ହିଟୱେଭ ପାଇଁ ପାଣି, ମେଡିକାଲ ଫ୍ୟାସିଲିଟି କରାଯିବ । ଅପରାଧୀଙ୍କ କାର୍ଯ୍ୟକଳାପ ଉପରେ ପୋଲିସ ନଜର ରଖିବ । ସୋସିଆଲ ମିଡିଆରେ ଉପରେ ନଜର ରଖାଯାଇଛି । ସମ୍ବଲପୁରରେ ବଡ଼ ବଡ଼ ଏଲସିଡି ଲାଗିଛି । ସିସିଟିଭି ଓ ଡ୍ରୋନ ସହ ଏଲସିଡି ଯୋଡି ହୋଇକି ରହିଛି । ଯାହା ଫଳରେ ସବୁ ଲାଇଭ ଦେଖିହେବ । କାଲି ସକାଳୁ ଫୋର୍ସ ସବୁଠି ମୁତୟନ ହୋଇଯିବେ । ପ୍ରୋସେସନ ଉପରେ ପୋଲିସ ନଜର ରଖିବ । ସାଦା ପୋଷକଧାରୀ ପୋଲିସ ନଜର ରଖିବେ । ସୋସିଆଲ ମିଡିଆ ଉପରେ ପୋଲିସ ନଜର ରଖାଯାଇଛି । ଯେଉଁମାନେ ରିୟୁମର କରିବେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ପୋଲିସ । ସମ୍ବଲପୁର, ଝାରସୁଗୁଡା, ଭଦ୍ରକ, ବାଲେଶ୍ୱର, ଭୁବନେଶ୍ୱର କଟକ ସୁନ୍ଦରଗଡ଼ରେ ନଜର ରଖିଛି ପୋଲିସଫ । ଏନେଇ ଆଜି ଅନୁଷ୍ଠିତ ହୋଇଥିବା ଏକ ବୈଠକରେ ମୁଖ୍ୟ ଶାସନ ସଚିବ, ଡିଜି, ଜିଲ୍ଲା ଏସପି, ଜିଲ୍ଲାପାଳ, ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

# ଶ୍ରୀମନ୍ଦିର ପର୍ବପର୍ବାଣି ଓ ଯାନିଯାତ୍ରା କ୍ୟାଲେଣ୍ଡର ଲୋକାର୍ପିତ

ପୁରୀ, ୧୩।୪(ମହାଭାରତ): ଓଡିଆ ନବବର୍ଷ ଅବସରରେ ପ୍ରକାଶ ପାଇଛି ଶ୍ରୀମନ୍ଦିର ପର୍ବପର୍ବାଣି ଓ ଯାନିଯାତ୍ରା କ୍ୟାଲେଣ୍ଡର । ପୂର୍ବରୁ ଏହି କ୍ୟାଲେଣ୍ଡର ମୁଦ୍ରଣ ପରେ ଦେବାର୍ପଣ ହୋଇଥିବା ବେଳେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଏହା ଲୋକାର୍ପିତ ହୋଇଅଛି ଓ ସେହିପରି ପ୍ରଥମ ଥର ଲାଗି ପ୍ରକାଶିତଶ୍ରୀମନ୍ଦିରର ସୁଦୃଶ୍ୟ ସୂଚନା ପୁସ୍ତିକାର ମଧ୍ୟ ଲୋକାର୍ପଣ ହୋଇଛି ।

ଏହି ଅବସରରେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ପୁରୀ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ସହ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ ।ବର୍ଷ ତମାମ ( ୨୦୨୫ ମସିହାର ମହାବିଷୁବ ସଂକ୍ରାନ୍ତି ଠାରୁ ୨୦୨୬ ମସିହା ରାମାଭିଷେକ ନୀତି ପର୍ଯ୍ୟନ୍ତ)



ଶ୍ରୀମନ୍ଦିରରେ ପାଳିତ ହେବାକୁ ଥିବା ସମସ୍ତ ପର୍ବପର୍ବାଣି ଦିନ ତଥା ଯାନିଯାତ୍ରା ଦିବସଗୁଡିକର ସୂଚନା ଏହି ଆକର୍ଷଣୀୟ କ୍ୟାଲେଣ୍ଡରରେ ରହିଅଛି । ଶ୍ରୀମନ୍ଦିର ସେବକ ନିଯୋଗଗୁଡିକ ସହ ମୁକ୍ତିମଣ୍ଡପ ଏବଂ ରାଜ୍ୟର ପ୍ରମୁଖ ପାଂଜିକାରଙ୍କୁ ନେଇ ବିସ୍ତୃତ ଆଲୋଚନା ପରେ ଶ୍ରୀମନ୍ଦିରରେ ପାଳିତ ହେବାକୁ ଥିବା ପର୍ବପର୍ବାଣି ତିଥିଗୁଡିକ ସ୍ଥିରୀକୃତ ହୋଇଅଛି । ଶ୍ରୀମନ୍ଦିର ପ୍ରଶାସନର ସମସ୍ତ ସୂଚନା କେନ୍ଦ୍ରଗୁଡିକରେ ଏହି କ୍ୟାଲେଣ୍ଡର ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ସକାଶେ କ୍ରୟ ପାଇଁ ଉପଲବ୍ଧ ହେବ । ଓଡ଼ିଆ ନବବର୍ଷ ଅବସରରେ ଭକ୍ତ ତଥା ଶ୍ରଦ୍ଧାଳୁଙ୍କୁ ଅଭିନନ୍ଦନ ଜଣାଇବା ସହ ମହାପ୍ରଭୁଙ୍କ ପଦପଦ୍ମରେ ସମସ୍ତଙ୍କ ପାଇଁ ଆଶୀର୍ବାଦ ଭିକ୍ଷା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ।

# ସରିଲା ବିଜେପିର ତିନି ଦିନିଆ ପ୍ରଶିକ୍ଷଣ

ଭୁବନେଶ୍ୱର, ୧୩।୪(କେଏନଏସ): ଶେଷ ହେଲା ବିଜେପି ବିଧାୟକ, ସାଂସଦଙ୍କ ତିନି ଦିନିଆ ପ୍ରଶିକ୍ଷଣ ବର୍ଗ । ପୁରୀ ଠାରେ ତିନି ଦିନ ଧରି ଚାଲି ଥିଲା ଚାଲିଥିଲା ପ୍ରଶିକ୍ଷଣ ବର୍ଗ । ସୁଶାସନ, ସଙ୍ଗଠନ ଓ ଜନ ସମ୍ପର୍କର ପାଠ ପଢିଲେ ଜନ ପ୍ରତିନିଧି । ଆଜି ଶେଷ ଦିନରେ ବିଧାୟକ, ସାଂସଦଙ୍କୁ ଟିପ୍ସ ଦେଲେ କେନ୍ଦ୍ରୀୟ ନେତୃତ୍ୱ ।

**ପାଠ ପଢ଼ିଲେ ନେତା ଓ ମନ୍ତ୍ରୀ**

କାର୍ଯ୍ୟକର୍ତ୍ତା ଓ ଲୋକଙ୍କ ସହ କେମିତି କଥା ହେବେ ଜନ ପ୍ରତିନିଧି। ତାଙ୍କ ପ୍ରତି କେମିତି କରିବେ ବ୍ୟବହାର । ଫୋନରେ କଥା ହେଲା ବେଳେ କେମିତି ଶାଳିନତାର ସହ କଥା ହେବେ । କାର୍ଯ୍ୟାଳୟକୁ ଗଲେ କର୍ମକର୍ତ୍ତାଙ୍କ ପ୍ରତି କେମିତି ଆଚରଣ ଦେଖାଇବେ । ଗ୍ରାଉଣ୍ଡରେ ଲୋକଙ୍କ ସହ କେମିତି ବ୍ୟବହାର କରିବେ, ସେ ନେଇ ବିଧାୟକ ଓ ସାଂସଦଙ୍କୁ ପରାମର୍ଶ ଦେଇଛନ୍ତି କେନ୍ଦ୍ରୀୟ ନେତୃତ୍ୱ। ଜନ ପ୍ରତିନିଧି ଓ ସଙ୍ଗଠନ ଗୋଟିଏ ସରଳ ରେଖାରେ ରହିବା ଦରକାର । ସଂଗଠନକୁ ସାଙ୍ଗରେ ନେଇ ଚାଲିଲେ, ତଳ ଲୋକ ପର୍ଯ୍ୟନ୍ତ ସୁବିଧା ପହଂଚିବେ । ସଙ୍ଗଠନ ଓ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବା ଆବଶ୍ୟକ ବୋଲି କହିଛନ୍ତି ସଂଗଠନ ମନ୍ତ୍ରୀ ଭି. ସତୀଶ ।

ବିଧାୟକ ଏବଂ ସାଂସଦଙ୍କ ଅଫିସ କେମିତି ପରିଚାଳନା କରିବା ଦରକାର । ଅଧିକରୁ ଅଧିକ ଲୋକଙ୍କ ପାଖରେ କେମିତି ଅଫିସ ପହଂଚି ପାରିବ, ସମସ୍ୟା ସମାଧାନ କରିପାରିବ । କାହାକୁ ଅଫିସରେ ନିଯୁକ୍ତ କଲେ ସମସ୍ୟାର ସମାଧାନ ହେବ ।ପଦ ପଦବୀ ବଡ଼ ନୁହେଁ । ୨୦୩୬ ପାଇଁ ବିଜେପି ଯେଉଁ ଭିଜନ ଡକ୍ୟୁମେଂଟ ତିଆରି କରିଛି, ତାକୁ ସଫଳ କରିବା ପାଇଁ କ୍ଷମତାରେ ରହିବାକୁ ପଡିବ । ତେଣୁ ତୁମେ କ୍ଷମତାରେ ରୁହ କି ନରୁହ, ଦଳ କ୍ଷମତାରେ ରହିବା ଦରକାର ବୋଲି କେନ୍ଦ୍ରୀୟ ନେତୃତ୍ୱ ପରାମର୍ଶ ଦେଇଛନ୍ତି।

## ଟ୍ରମ୍ପଙ୍କ ଆଗରେ ନଇଁଲା ଚୀନ

ବେଜିଂ ୧୩।୪(ମହାଭାରତ): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶୁଳ୍କ ଯୁଦ୍ଧକୁ ନେଇ ଦୁଇ ମହାଶକ୍ତି, ଆମେରିକା ଏବଂ ଚୀନ୍ ମୁହାଁମୁହିଁ ହୋଇଛନ୍ତି। ଚୀନ୍ ପ୍ରଥମେ ଏଥିରେ କଠୋର ମନୋଭାବ ଦେଖାଇଥିଲା, କିନ୍ତୁ ଧୀରେ ଧୀରେ ଏହାର ମନୋଭାବ ନରମ ହେଉଛି । ସଦ୍ୟତମ ଘଟଣାକ୍ରମରେ, ଚୀନର ବାଣିଜ୍ୟ ମନ୍ତ୍ରଣାଳୟ ରବିବାର ଆମେରିକାକୁ ପାରସ୍ପରିକ ଶୁଳ୍କକୁ ସମ୍ପୂର୍ଣ୍ଣ ବାତିଲ କରିବାକୁ ନିବେଦନ କରିଛି।

ଅରମେ ଆମେରିକାକୁ ତା'ର ଭୁଲ ସଂଶୋଧନ କରିବା ପାଇଁ ଏକ ବଡ଼ ପଦକ୍ଷେପ ନେବାକୁ, ପାରସ୍ପରିକ ଶୁଳ୍କର ଭୁଲ ଅଭ୍ୟାସକୁ ସମ୍ପୂର୍ଣ୍ଣ ବାତିଲ କରିବାକୁ ଏବଂ ପାରସ୍ପରିକ ସମ୍ମାନର ସଠିକ୍ ପଥକୁ ଫେରିବାକୁ ଅନୁରୋଧ କରୁଛୁ। ଗଣମାଧ୍ୟମକୁ ଚୀନ ସରକାରଙ୍କ ମୁଖପାତ୍ର କହିଛନ୍ତି।


ସତ୍ୟମେବ ଜୟତେ





ବାର୍ତ୍ତା

ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ପ୍ରଥମ ଦିନରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ମନ ପ୍ରାଣ ଦେଇ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍ପାଟି)

OIPR-15001/13/0509/2526



DADLS-12

ଓଡ଼ିଆ ନୂଆବର୍ଷ ତଥା
ମହାବିଷୁବ ସଂକ୍ରାନ୍ତି ଅବସରରେ
ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଓଡ଼ିଆ ନୂଆବର୍ଷ ତଥା ମହାବିଷୁବ ସଂକ୍ରାନ୍ତି ଅବସରରେ ଓଡ଼ିଶା ତଥା ବିଶ୍ୱର କୋଣ ଅନୁକୋଣରେ ରହୁଥିବା ଓଡ଼ିଆ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଆମ ସଂସ୍କୃତି ଓ ପରମ୍ପରା ଉପରେ ଆଧାରିତ ଏହି ଦିବସରେ ଆସନ୍ତୁ, ଓଡ଼ିଶାର ଗୌରବକୁ ନୂଆ ଶିଖରରେ ପହଞ୍ଚାଇବା ସହିତ ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

## ପନୀର ଜଲସା

**ଆବଶ୍ୟକ ସାମଗ୍ରୀ:** ପନୀର, ରିଫାଇନ, ଜୀରା, ହଳଦି ଗୁଣ୍ଡ, କଟା ଯାଇଥିବା ଅଦା, ରସୁଣ, କଞ୍ଚାଲଙ୍କା, ପିଆଜ, ଟମାଟୋ, କ୍ୟାପସିକମ ,ଲୁଣ, ଟମାଟୋ ସସ୍, ଲଙ୍କାଗୁଣ୍ଡ। ଏହାବ୍ୟତୀତ ଆଚାର ମସଲା ପାଇଁ ସୋରିଷ, ଜୀରା, ମେଥି, କଳାଜିରା ଓ ପାନମହୁରି।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ କରେଇରେ ତେଲ ଗରମ କରି ପନୀରକୁ ହାଲକା ଭାଜି ବାହାର କରି ଦିଅନ୍ତୁ। ଏହାପରେ ତେଲରେ ଜୀରା, କଟା ଯାଇଥିବା ଅଦା, ରସୁଣ, କଞ୍ଚାଲଙ୍କା, ପିଆଜ, ଟମାଟୋ, କ୍ୟାପସିକମ, ହଳଦି ଗୁଣ୍ଡ ଓ ଲୁଣ ପକାଇ ଭାଜନ୍ତୁ। ପରେ ସେଥିରେ ଭଜା ପନିର, ଟମାଟୋ ସସ୍, ଲଙ୍କାଗୁଣ୍ଡ, ଓ ଚାଟ ମସଲା ପକାନ୍ତୁ। କିଛି ସମୟ ପରେ ଆଚାର ମସଲା ପକାଇ ଅଳ୍ପ ପାଣି ଦେଇ ଭଲ ଭାବେ ଫୁଟାନ୍ତୁ। ଏହାପରେ ଗରାମଗରମ ପ୍ଲେଟରେ ପରସନ୍ତୁ।



**ଖବର**

## ଦ୍ୱିତୀୟ ଥର ଶୈଳେନ୍ଦ୍ର-ଶିବାନୀ ଯୋଡ଼ି





'ଛି ଛି ଛିରେ ନନୀ ଛି ଛି'- କିଛିଦିନ ତଳେ ଏହି ମୁଖଡ଼ା ଥିବା ଗୀତଟି ସୋସିଆଲ୍ ମିଡିଆରେ ଖୁବ୍ ଭାଇରାଲ୍ ହୋଇଥିଲା। ଏବେ ସମାନ ଶବ୍ଦକୁ ଶୀର୍ଷକ ଭାବେ ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ଛି ଛି ଛିରେ ନନୀ ଛି ଛି'। ଏହି ଛବିରେ ନାୟକ-ନାୟିକା ଭାବେ ଅଭିନୟ କରୁଛନ୍ତି ଶୈଳେନ୍ଦ୍ର ଓ ଶିବାନୀ। ଏଥିରେ ଦ୍ୱିତୀୟ ଥର ଲାଗି ଶୈଳେନ୍ଦ୍ର-ଶିବାନୀଙ୍କ ଯୋଡ଼ି ଦେଖିବାକୁ ପାଇବେ ଦର୍ଶକ। ପୂର୍ବରୁ କୁମାର ପ୍ରୀତମ୍ ସାହୁଙ୍କ ପ୍ରଯୋଜିତ ତଥା ଅଶୋକ ପତିଙ୍କ ନିର୍ଦ୍ଦେଶିତ 'ଗୁଣ୍ଡୁ ଗ୍ୟାଙ୍ଗ୍‌ଷ୍ଟର୍'ରେ ଶୈଳେନ୍ଦ୍ର-ଶିବାନୀ ଏକାଠି ଅଭିନୟ କରିଥିଲେ। ସୀତାରାମ ଅଗ୍ରୱାଲ୍‌ଙ୍କ ପ୍ରଯୋଜିତ ଏହି ଭିନ୍ନ ଧରଣର ଲଭ୍ ଷ୍ଟୋରିର ନିର୍ଦ୍ଦେଶନା ଦେଉଛନ୍ତି ସୁଶାନ୍ତ ମଣି।ସୂଚନାଯୋଗ୍ୟ, ଶୈଳେନ୍ଦ୍ର ଇତିମଧ୍ୟରେ 'ଗୁପ୍‌ଚୁପ୍', 'ଡେଲିଭରି ବୟ', 'ଗୁଣ୍ଡୁ ଗ୍ୟାଙ୍ଗ୍‌ଷ୍ଟର୍', 'ଦଶମ', 'ତୋର ମୋର କଟି', 'ପ୍ରେମରେ ରିସ୍କ ହେଲା ମତେ ଇସ୍କ' ଓ 'ଘମାଘୋଟ' ଆଦି ଓଡ଼ିଆ ସିନେମାରେ ଅଭିନୟ କରିଛନ୍ତି। ଏସବୁ ଫିଲ୍ମରେ ସେ ସନମୀରା, ଶିବାନୀ, ଶୀତଲ, ପ୍ରିୟମ୍ବଦା, ଦିବ୍ୟା ଓ ନୀଲାକ୍ଷୀ ପ୍ରମୁଖଙ୍କ ବିପକ୍ଷରେ ନାୟକ ବନିଛନ୍ତି। ସେହିପରି ଶିବାନୀ 'ସିଷ୍ଟର୍ ଶ୍ରୀଦେବୀ', 'ପ୍ରେମ୍ କୁମାର', 'ବାବୁ ଭାଇଜାନ୍', 'ଦିଲ୍ ମୋର ମାନେନା', 'କିସ୍ମିସ୍', 'ବିଦ୍ୟାରାଣ', 'ଗୁଣ୍ଡୁ ଗ୍ୟାଙ୍ଗ୍‌ଷ୍ଟର୍' ଓ 'ମାଲ୍ୟଗିରି' ଆଦି ୮ଟି ଓଡ଼ିଆ ସିନେମାରେ ନଜର ଆସିଲେଣି। ଏସବୁ ଫିଲ୍ମରେ ବାବୁସାନ୍, ଅନୁଭବ, ସ୍ୱରାଜ, ଅରିନ୍ଦମ ଓ ଶୈଳେନ୍ଦ୍ରଙ୍କ ବିପକ୍ଷରେ ନାୟିକା ବନିଛନ୍ତି ଶିବାନୀ। ଏହାଛଡ଼ା ତାଙ୍କ ଅଭିନୀତ 'ଶ୍ରୀଜଗନ୍ନାଥଙ୍କ ନବକଳେବର', 'ଗଣ୍ଡଭୈରବ' ଓ 'ଦି ମିଲେଟ୍ ଷ୍ଟୋରି' ମୁକ୍ତି ପ୍ରତୀକ୍ଷାରେ ରହିଛି। ଦେଖାଯାଉ ଦ୍ୱିତୀୟ ଥର ଶୈଳେନ୍ଦ୍ର-ଶିବାନୀ ଯୋଡ଼ିକୁ ଦର୍ଶକ କେତେ ପସନ୍ଦ କରୁଛନ୍ତି।

## ଉପହାରରେ ଦିଅନ୍ତୁ ନାହିଁ ପାଣି ପାତ୍ର



ଜଳ ମୁଖ୍ୟତଃ କେଉଁ ଗ୍ରହ ସହ ଜଡ଼ିତ ଓ ଜୀବନରେ ଏହାର ପ୍ରଭାବ କ'ଣ, ତାହା ହୁଏତ ସମସ୍ତଙ୍କୁ ଜଣାନଥାଏ। ତେବେ ଆସନ୍ତୁ ଜାଣିବା ଜଳ ସହ ଗ୍ରହର କ'ଣ ରହିଛି ସମ୍ବନ୍ଧ।

ଜଳର ମୁଖ୍ୟତଃ ଚନ୍ଦ୍ରମା ଓ ଶୁକ୍ର ଗ୍ରହଙ୍କ ସହ ସମ୍ବନ୍ଧ ରହିଛି। କିଛି ମାତ୍ରାର ଏହାର ସମ୍ବନ୍ଧ ମଙ୍ଗଳ ଗ୍ରହଙ୍କ ସହ ମଧ୍ୟ ରହିଛି। ଜଳର ସଠିକ ପ୍ରୟୋଗ କରିବା ଦ୍ୱାରା ଜାତକରେ ଶୁକ୍ର ଓ ଚନ୍ଦ୍ରମାଙ୍କ ସ୍ଥିତି ଉତ୍ତମ ରହିଥାଏ।

ଶୁକ୍ରଙ୍କ ସ୍ଥିତି ମଜଭୂତ କରିବା ପାଇଁ ଏପରି କରନ୍ତୁ ଜଳର ପ୍ରୟୋଗ - ପ୍ରତିଦିନ ୨ଥର ସ୍ନାନ କରନ୍ତୁ। ସ୍ନାନ ଜଳରେ କିଛି ମାତ୍ରାରେ ଗୋଲାପ ଜଳ ମିଶାନ୍ତୁ। କାଚ ଗ୍ଲାସରେ ନିୟମିତ ଜଳ ପିଅନ୍ତୁ।

ପାଣି ପାତ୍ର ଉପହାରରେ ଦିଅନ୍ତୁ ନାହିଁ।

ଚନ୍ଦ୍ରମାଙ୍କ ସ୍ଥିତି ସୁଦୃଢ ଓ ମାନସିକ ଶାନ୍ତି ପାଇଁ ଏପରି କରନ୍ତୁ ଜଳର ପ୍ରୟୋଗ - ଘରର ବଗିଚାରେ ବହୁ ପ୍ରକାରର ଫୁଲର ବୃକ୍ଷ ଲଗାନ୍ତୁ ଓ ନିୟମିତ ସେଥିରେ ଜଳ ଅର୍ପଣ କରନ୍ତୁ।

ବର୍ଷାର ଜଳ ଏକ କାଚ ପାତ୍ରରେ ନେଇ କିଛି ସମୟ ଯାଏଁ ନିଜ ଶୟନ କକ୍ଷରେ ରଖନ୍ତୁ।

ଚନ୍ଦ୍ରମାଙ୍କ ସ୍ଥିତି ମଜଭୂତ କରିବା ପାଇଁ ସ୍ନାନ କରିବା ସମୟରେ ପ୍ରଥମେ ନାଭିରେ ଜଳ ପକାଇ ସ୍ନାନ କରନ୍ତୁ।

## ଦୈନନ୍ଦିନ ଖାଦ୍ୟକୁ ଗୁରୁତ୍ୱ ଦେଲେ ଦୂର ହେବ ହୃଦଘାତ ସମସ୍ୟା



ହୃଦ୍‌ଘାତ ଆଜିକାଲିକା ସମୟ ପାଇଁ ଏକ ସାଧାରଣ କଥା। ଅନେକ ଲୋକଙ୍କର ଏହି ସମସ୍ୟାରେ ପ୍ରାଣହାନୀ ଘଟୁଛି। ଏହା ନିୟନ୍ତ୍ରଣାଧୀନ ନହେଲେ ନିମିଷକରେ ଜୀବନ ଯାଇ ପାରେ। ବିଶେଷ କରି ଖାଇବା ପିଇବାରେ ଅବହେଳା ହେତୁ ହୃଦ୍‌ଘାତ ହୋଇଥାଏ। ନିଜର ଠିକ୍ ଭାବେ ଯତ୍ନ ନେଲେ ଆପଣ ନିଜକୁ ହୃଦଘାତଠାରୁ ଦୂରେଇ ରଖିପାରିବେ। ଦୈନନ୍ଦିନ କାର୍ବୋହାଇଡ୍ରେଟ୍ସ, ପ୍ରୋଟିନ୍, ଫ୍ୟାଟ୍, ଭିଟାମିନ୍ ଏବଂ ଫାଇବର୍ ଯୁକ୍ତ କିଛି ନା କିଛି ଖାଦ୍ୟ ଖାଆନ୍ତୁ। ଯଦି ଆପଣ ଓଜନ କମାଇବାକୁ ଚାହୁଁଥାନ୍ତି ତେବେ ପ୍ରୋଟିନ୍ ଖାଇବା ଟିକେ କମ୍ କଲେ ଚଳିବ। ମାତ୍ରାଧିକ ଓଜନ ମଧ ହୃଦ୍‌ଘାତର କାରଣ ହୋଇଥାଏ। ପ୍ରଚୁର ପରିମାଣର ଫଳ ଓ ସବୁଜ ପରିବା ଖାଆନ୍ତୁ। ବିଶେଷ କରି ଶାଗ ଖାଇବାକୁ ଆଦୌ ଭୁଲନ୍ତୁ ନାହିଁ। ବାଦାମ ଓ ବିଭିନ୍ନ ପ୍ରକାରର ମଞ୍ଜି ଖାଦ୍ୟରେ ସାମିଲ୍ କରନ୍ତୁ। ଶସ୍ୟ ଜାତୀୟ ଖାଦ୍ୟ ଓ ମାଛ ଖାଇବା ଦ୍ୱାରା ବ୍ୟକ୍ତି ସୁସ୍ଥ ରହିଥାଏ। ଜଣେ ସଂପୂର୍ଣ୍ଣ ସୁସ୍ଥ ବ୍ୟକ୍ତିଙ୍କୁ ହୃଦଘାତ କବଳିତ କରିପାରେ ନାହିଁ। ବିଶେଷ କରି ଘରେ ପ୍ରସ୍ତୁତ କରାଯାଉଥିବା ଖାଦ୍ୟ ଖାଇବାକୁ ଚେଷ୍ଟା କରନ୍ତୁ। ବାହାର ଖାଦ୍ୟ ଯେତେ ନଖାଇବେ ସେତେ ଭଲ। ମନେ ରଖନ୍ତୁ ଆପଣଙ୍କର ଯଦି ସିଗାରେଟ୍ କିମ୍ବା ମଦ୍ୟପାନର ଅଭ୍ୟାସ ଅଛି ତେବେ ଏହାକୁ ନିଶ୍ଚିତ ଭାବେ ଛାଡ଼ିବାକୁ ପଡ଼ିବ। ଏସବୁ ମାନିବା ଦ୍ୱାରା ହୃଦ୍‌ଘାତକୁ ଏଡ଼ାଇ ଦିଆଯାଇପାରେ।

## କରଜରୁ ମୁକ୍ତି ପାଇବା ପାଇଁ ପ୍ରଭୁ ହନୁମାନଙ୍କ ନିକଟରେ ଲଡୁ ଭୋଗ କରନ୍ତୁ



ପ୍ରଭୁ ହନୁମାନ, ଗଣେଶଙ୍କ ନିକଟରେ ବୁନ୍ଦି ଲଡୁକୁ ବିଶେଷ ଭାବେ ଭୋଗ କରାଯାଇଥାଏ। ଏହା ଦ୍ୱାରା ଭଗବାନ ପ୍ରସନ୍ନ ହୋଇଥାଆନ୍ତି ବୋଲି ମାନ୍ୟତା ରହିଛି। ବୁନ୍ଦି ଲଡୁ ପୂଜାପାଠରେ ଭୋଗ କରିବା ପାଇଁ ବ୍ୟବହାର କରିବା ସହ ଏହା ଖାଇବାକୁ ମଧ ବହୁ ସ୍ୱାଦିଷ୍ଟ ଲାଗିଥାଏ। ମାତ୍ର ଏହି ବୁନ୍ଦି ଲଡୁର କେତେକ ବ୍ୟବହାର ଦ୍ୱାରା ଆମ ଜୀବନର ବହୁ ସମସ୍ୟା ଦୂର ହୋଇଥାଏ। ଜାଣନ୍ତୁ କିପରି କରିବେ ଏହି ବୁନ୍ଦି ଲଡୁର ବ୍ୟବହାର.

ନିଜ ମନ ପସନ୍ଦର ଜୀବନସାଥୀ ପାଇବା ପାଇଁ ପ୍ରତି ମଙ୍ଗଳବାର ଓ ଶୁକ୍ରବାର ବୁନ୍ଦିର ଲଡୁକୁ ହନୁମାନଙ୍କ ପାଖରେ ଭୋଗ କରି ଏହାକୁ ବାଣ୍ଟି ଦିଅନ୍ତୁ। ଏପରି କରିବା ଦ୍ୱାରା ମନୋସ୍କାମନା ପୂରଣ ହୋଇଥାଏ।

ବହୁ ଦିନ ଧରି କାର୍ଯ୍ୟ ଲାଗି ରହିଥିଲେ ମଧ୍ୟ ସଫଳତା ମିଳୁନଥିଲେ, ପ୍ରଭୁ ହନୁମାନଙ୍କ ମନ୍ଦିରରେ ବୁନ୍ଦି ଲଡୁରେ ତୁଳସୀପତ୍ର ପକାଇ ଭୋଗ କରନ୍ତୁ। ଏହା ପରେ ଏହି ଭୋଗକୁ ବାଣ୍ଟି ଦିଅନ୍ତୁ।

କରଜରୁ ମୁକ୍ତି ପାଇବା ପାଇଁ ମଧ ମଙ୍ଗଳବାର ଦିନ ପ୍ରଭୁ ହନୁମାନଙ୍କ ନିକଟରେ ବୁନ୍ଦି ଲଡୁ ଭୋଗ କରନ୍ତୁ।

ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ଜାତକରେ ମଙ୍ଗଳ ଗ୍ରହ ଦୁର୍ବଳ ଥିଲେ ବ୍ୟକ୍ତିର ଆତ୍ମବିଶ୍ୱାସ ମଧ ଦୁର୍ବଳ ହୋଇଯାଏ। ଏହାକୁ ସୁଦୃଢ କରିବା ପାଇଁ ପ୍ରତି ମଙ୍ଗଳବାର ବୁନ୍ଦିର ଲଡୁ ଦାନ କରନ୍ତୁ। ଏହି ସମସ୍ୟାର ସମାଧାନ ହୋଇଥାଏ। ଆତ୍ମବିଶ୍ୱାସ ମଧ ବୃଦ୍ଧି ପାଇଥାଏ।

ଯେକୌଣସି ପରୀକ୍ଷା ଦେବାକୁ ଯିବାକୁ ପୂର୍ବରୁ ହନୁମାନଙ୍କ ମନ୍ଦିରକୁ ଯାଇ ଲଡୁ ଭୋଗ କରି ଏହାକୁ ନିଜେ ଖାଆନ୍ତୁ। ପରୀକ୍ଷାରେ ଶୁଭଫଳ ମିଳିବ।



## ମାନସିକ ଦୁଶ୍ଚିନ୍ତା ଦୂର କରେ ଦହି

କ୍ଷୀରରୁ ପ୍ରସ୍ତୁତ ଅନେକ ପଦାର୍ଥ ସ୍ୱାସ୍ଥ୍ୟ ପାଇଁ ବେଶ ଲାଭଦାୟକ। ଏହା ଖାଇବାକୁ ମଧ ସ୍ୱାଦିଷ୍ଟ। ଏଥିରେ ପୁଷ୍ଟିଯୁକ୍ତ, ଭିଟାମିନ,ପ୍ରୋଟିନ ଓ କ୍ୟାଲସିୟମ ଭଳି ଅତ୍ୟାବଶ୍ୟକ



ପୋଷକତ□ ରହିଛି। ଏହା ମଧ୍ୟରୁ ଦହି ହେଉଛି ଗୋଟିଏ। ଦହିର ସେବନ କରିବା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ। ବିଶେଷ କରି ଖରାଦିନେ ନିୟମିତ ନିଜ ଖାଦ୍ୟରେ ଦହି ସାମିଲ କରନ୍ତୁ। ଏହାଦ୍ୱାରା ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ଦୂର ହୋଇଥାଏ। ଏହା ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ।

ଗବେଷଣାରୁ ଜଣାପଡିଛି, ଦହିରେ ଅନେକ ପୋଷକ ତ□ ରହିଛି। ଯାହା ଶରୀର ପାଇଁ ନିତାନ୍ତ ଆବଶ୍ୟକ। ଏଥିରେ କ୍ୟାଲସିୟମର ମାତ୍ରା ଖୁବ ଅଧିକ ଥିବାରୁ ହାଡ ପାଇଁ ଖୁବ ଉପକାରୀ। ହାଡକୁ ସୁସ୍ଥ ରଖିବାରେ ମଧ ସହାୟକ ହୋଇଥାଏ। ଏକ କପ ଦହିରୁ ଦୈନିକ କ୍ୟାଲସିୟମର ମାତ୍ରା ଆବଶ୍ୟକ ଅନୁଯାୟୀ ୪୯ ପ୍ରତିଶତ ମିଳିଥାଏ। ଜାଣନ୍ତୁ ଖରାଦିନେ ନିୟମିତ ଦହି ଖାଇଲେ କି କି ଲାଭ ମିଳିଥାଏ।

ଗବେଷଣାରୁ ଜଣାପଡିଛି, ଦହି ହାଲକା ମାତ୍ର ଅନେକ ପୁଷ୍ଟିଯୁକ୍ତ। ଏହା ଶରୀରରେ ଜଳୀୟଅଂଶ ମାତ୍ରାକୁ ସଠିକ ରଖିବା ସହ ଶକ୍ତି ଯୋଗାଇଥାଏ। ଖରାଦିନେ ଦହି ଖାଇବା ଦ୍ୱାରା ଖରାର କୁପ୍ରଭାବରୁ ରକ୍ଷା ମିଳିଥାଏ। ଶରୀରକୁ ଭିତରୁ ସତେଜ ରଖିବା ସହ କାର୍ଯ୍ୟକରିବାକୁ ଇଚ୍ଛାଶକ୍ତି ବୃଦ୍ଧି କରିଥାଏ। ଦହି ସେବନ ଦ୍ୱାରା ଶରୀରରେ ଉତ୍ତମ ବ୍ୟାକ୍ଟେରିଆ ବୃଦ୍ଧି ହୋଇଥାଏ। ଯାହା ଖାଦ୍ୟକୁ ହଜମ କରିବାରେ ସହାୟକ ହୋଇଥାଏ। ପେଟ ଜନିତ ଅନେକ ସମସ୍ୟା ଦୂର କରିଥାଏ। ଏହାସହ କୋଷ୍ଠକାଠିନ୍ୟ, ବଦହଜମି, ପେଟରେ ଜଳାପୋଡା ଅନୁଭବ ହେବା ମଧ ଦୂର ହୋଇଥାଏ। ଖରାଦିନେ ତ୍ୱଚା ପାଇଁ ଧ୍ୟାନ ଦେବା ମଧ ଆବଶ୍ୟକ। ତେଣୁ ଏହି ସମୟରେ ଦହି ସେବନ କରିବା ଏକ ଉତ୍ତମ ବିକଳ୍ପ। ଦହି ଖାଇବା ସହ ଏହାକୁ ତ୍ୱଚାରେ ମଧ ଲଗାଇପାରିବେ। ଖରାର କୁପ୍ରଭାବରୁ ରକ୍ଷା ପାଇବା ପାଇଁ ଦହିର ଫେସପ୍ୟାକ ମଧ ବ୍ୟବହାର କରିପାରିବେ। ଏହା ମୁହଁର କୋଷିକାକୁ ସୁସ୍ଥ ରଖିବା ପାଇଁ ସହାୟକ ହୋଇଥାଏ। ମାନସିକ ଦୁଶ୍ଚିନ୍ତା ଓ ବ୍ୟତିବ୍ୟସ୍ତ ରହୁଥିବା ବ୍ୟକ୍ତି ବିଶେଷ ଦୈନିକ ନିଜ ଖାଦ୍ୟରେ ଦହି ସାମିଲ କରିବା ଦ୍ୱାରା ଏହି ସମସ୍ୟା ଦୂର ହୋଇଥାଏ। ଦହି ମସ୍ତିଷ୍କକୁ ଶାନ୍ତ କରିବାରେ ସହାୟକ ହୋଇଥାଏ।

# ଗୁଣ୍ଡିଚା ମନ୍ଦିରର ଉନ୍ନତିକରଣ ଓ ରୋଷଘରର ହେବ ସୌନ୍ଦର୍ଯ୍ୟକରଣ

ଭୁବନେଶ୍ୱର/ପୁରୀ, ୧୩/୪ (ମହାଭାରତ) : ପରିକ୍ରମା ପ୍ରକଳ୍ପର ଅସମ୍ପୂର୍ଣ୍ଣ କାର୍ଯ୍ୟ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ହେବ । ଏ ନେଇ ପ୍ରତିକ୍ରିୟା ରଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ । ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ସହିତ ଗୁଣ୍ଡିଚା ମନ୍ଦିର ଓ ଜଗନ୍ନାଥ ବଲ୍ଲଭ ପିଲିଗ୍ରିମ୍ ସେଣ୍ଟର ଅନୁଧ୍ୟାନ ପରେ ଶ୍ରୀମନ୍ଦିର



କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ । ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ବସିଥିଲା ବୈଠକ । ତେବେ ବୈଠକ ଶେଷ ହେବା ପରେ ପ୍ରତିକ୍ରିୟା ରଖିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ । ପରିକ୍ରମା ପ୍ରକଳ୍ପର ଅସମ୍ପୂର୍ଣ୍ଣ କାର୍ଯ୍ୟ ଖୁବ୍ ?ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଓବିସିସି ଓ ଟାଟା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ରଘୁନନ୍ଦନ ଲାଇବ୍ରେରୀ ଓ ସାଂସ୍କୃତିକ ଭବନ ନିର୍ମାଣ ନେଇ ସ୍ଥାନ ଚିହ୍ନଟ କରାଯାଇଛି । ଏନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଯିବ । ଉତ୍ତରଦ୍ୱାର ନିକଟରେ ଖୋଲାଯିବ ଅନ୍ନକ୍ଷେତ୍ର, ପରିକ୍ରମା ପ୍ରକଳ୍ପର ଅନୁଧ୍ୟାନ ପରେ ଗଜପତିଙ୍କ ସୂଚନା । ସେହିଭଳି ଗୁଣ୍ଡିଚା ମନ୍ଦିରର ଉନ୍ନତିକରଣ ଓ ଗୁଣ୍ଡିଚା ମନ୍ଦିରର ରୋଷଘର କାର୍ଯ୍ୟର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଇଛି । ଚଳିତବର୍ଷ ନୀଳାଦ୍ରୀ ବିଜେ ଶେଷ ହେବା ପରେ ରୋଷଘର କାର୍ଯ୍ୟ ଆରମ୍ଭ ହେବ । ସେହିପରି ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନର ହେବ ସଂରକ୍ଷଣ । ପରିକ୍ରମା ପ୍ରକଳ୍ପ ଚାରିପଟେ ଘୃତ ଯଜ୍ଞ, ଅନ୍ନ ଯଜ୍ଞ, ନାମ ଯଜ୍ଞ, ଧ୍ୟାନ ଯଜ୍ଞ ହେବ । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଚାରିପଟେ ଚାଲୁଥିବା କିଛି ଇଭେଣ୍ଟ ପାଇଁ ନୂତନ ମାର୍ଗଦର୍ଶିକା ହେବ । ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ହେବ ରିସେପସନ୍ ସେଣ୍ଟର । ନରେନ୍ଦ୍ର ମହଲାରେ ହେବ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ । ଉତ୍ତର ଦ୍ୱାର ନିକଟରେ ଥିବା ଉତ୍ତରପାର୍ଶ୍ୱ ମଠ ଜମିରେ ହେବ ଅନ୍ନକ୍ଷେତ୍ର । ଆନନ୍ଦବଜାରରେ କେବଳ ମହାପ୍ରସାଦ ବିକ୍ରି ହେବ ବୋଲି ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି ।

# ଆସନ୍ତା ୩୦ରୁ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା

ଭୁବନେଶ୍ୱର/ପୁରୀ, ୧୩/୪ (ମହାଭାରତ) : ଆସନ୍ତା ୩୦ ତାରିଖରେ ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା। ବାହାର ଚନ୍ଦନ ଯାତ୍ରାରେ ପବିତ୍ର ନରେନ୍ଦ୍ର ପୁଷ୍କରିଣୀରେ ଚାପ ଖେଳିବେ ମହାପ୍ରଭୁ। ତେଣୁ ଠାକୁରଙ୍କ ନନ୍ଦା ଓ ଭଦ୍ରା ଚାପ ନିର୍ମାଣ ନିମନ୍ତେ ଆରମ୍ଭ ହୋଇଛି ପ୍ରସ୍ତୁତି। ପରମ୍ପରା ମୁତାବକ, ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରେ ବୁଡ଼ାଯାଇଥିବା ୫ ଡଙ୍ଗା (୨ଟି ଲେଖାଏ ଡଙ୍ଗାକୁ ଯୋଡ଼ି ନନ୍ଦା ଓ ଭଦ୍ରା ଚାପ ଓ ଅନ୍ୟଟି ବୈଜୟନ୍ତୀ)କୁ ଚୈତ୍ର ପୂର୍ଣ୍ଣିମାରେ ଭୋଇ ସେବକମାନେ ଉପରକୁ କାଢିଛନ୍ତି। ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ୨୮ ଜଣ ଭୋଇ ସେବକ ପ୍ରାୟ ୬ ଘଣ୍ଟା ପରିଶ୍ରମ କରି ଡଙ୍ଗାଗୁଡ଼ିକୁ ପାଣି ଭିତରୁ ବାହାର କରିଛନ୍ତି। ଏ ସମ୍ପର୍କରେ ଭୋଇ ସର୍ଦ୍ଦାର କୁହନ୍ତି, ଚନ୍ଦନ ଯାତ୍ରା ଶେଷ ହେବା ପରେ ୨ଟି ଚାପିକୁ ଖୋଲି ୪ଟି ଡଙ୍ଗାକୁ ଅଲଗା କରାଯାଏ। ଚନ୍ଦନ ଯାତ୍ରାରେ ସାମିଲ ୫ଟି ଯାକ ଡଙ୍ଗାକୁ ନରେନ୍ଦ୍ରରେ ବୁଡାଇ ରଖାଯାଏ। ପରମ୍ପରା ଅନୁଯାୟୀ ପ୍ରତିବର୍ଷ ଚୈତ୍ର ପୂର୍ଣ୍ଣିମା ଦିନ ଡଙ୍ଗାଗୁଡ଼ିକୁ ବାହାର କରାଯାଇ ନରେନ୍ଦ୍ର ପୁଷ୍କରିଣୀ କଡ଼ରେ ରଖାଯାଏ। ଶୁଖିଯିବା ପରେ ସେଥିରେ ଆବଶ୍ୟକ ମରାମତି ସହ ରଙ୍ଗ ଦିଆଯାଏ। ଶ୍ରୀମନ୍ଦିରର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ମତରେ ଚନ୍ଦନ ଯାତ୍ରାର ୪/୫ ଦିନ ପୂର୍ବରୁ ଚାପ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ। ବିଶ୍ୱକର୍ମାମାନେ ଚାପ ନିର୍ମାଣ କରନ୍ତି। ଦୁଇଟି ଡଙ୍ଗାକୁ ନେଇ ଗୋଟିଏ ଗୋଟିଏ ଚାପ ପ୍ରସ୍ତୁତ ହୁଏ। ଦୁଇ ଚାପ ନନ୍ଦା ଓ ଭଦ୍ରା ଆଗରେ ବୈଜୟନ୍ତୀ ଡଙ୍ଗା ରହିଥାଏ। ନନ୍ଦା ଚାପରେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଅବସ୍ଥାନ କରନ୍ତି। ଭଦ୍ରା ଚାପରେ ରାମକୃଷ୍ଣ ଏବଂ ପଞ୍ଚ ମହାଦେବ ବିଜେ କରି ଚାପ ଖେଳିଥାନ୍ତି। ବୈଜୟନ୍ତୀରେ ତେଲିଙ୍ଗ ବାଜା ବଜାଯାଏ।

## ହନୁମାନ ଜୟନ୍ତୀ
# ସୁରକ୍ଷା ବ୍ୟବସ୍ଥା କଡ଼କଡ଼ି: ନଜର ରଖିବ ଡ୍ରୋନ, ସିସିଟିଭି

ଭୁବନେଶ୍ୱର, ୧୩/୪ (ମହାଭାରତ) : ସୋମବାର ପବିତ୍ର ପଣା ସଂକ୍ରାନ୍ତି ଏବଂ ହନୁମାନ ଜୟନ୍ତୀ। ଏନେଇ ସବୁଠି ଉତ୍ସବ ମୁଖର। ଶାନ୍ତି ଶୃଙ୍ଖଳାର ସହ କିପରି ହନୁମାନ ଜୟନ୍ତୀ ପାଳନ କରାଯିବ ସେନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏପରି କି ହନୁମାନ ଜୟନ୍ତୀରେ ବାହାରୁଥିବା ଧାର୍ମିକ ଶୋଭାଯାତ୍ରା ନେଇ ରାଜ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଏନେଇ ବିସ୍ତୃତ ସୂଚନା ଦେଇଛନ୍ତି ଆଇନଶୃଙ୍ଖଳା ଏଡିଜି ସଞ୍ଜୟ କୁମାର। ରାଜ୍ୟରେ ଆଇନଶୃଙ୍ଖଳା ଦାୟିତ୍ୱରେ ୨୦୦ ପ୍ଲାଟୁନ ଫୋର୍ସ ରହିବେ ବୋଲି ଏଡିଜି ପ୍ରକାଶ କରିଛନ୍ତି। ଏପରିକି ରାଜ୍ୟର ବିଭିନ୍ନ ସହରରେ ନଜର ରଖିବ ୪୦ ଡ୍ରୋନ ସହ ୬୦୦ ସିସିଟିଭି କ୍ୟାମେରା। ଶୋଭାଯାତ୍ରା ବେଳେ ଅସାମାଜିକ ବ୍ୟକ୍ତି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରନ୍ତି, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଆଯାଇଛି। ସୋସିଆଲ ମିଡିଆ ପୋଷ୍ଟ ଉପରେ ପୋଲିସ କଡ଼ା ନଜର ରଖିଛି। ଅନ୍ୟପକ୍ଷେ ହନୁମାନ ଜୟନ୍ତୀ ନେଇ ସମ୍ବଲପୁରରେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସମ୍ବଲପୁରରେ ୧୦ କମ୍ପାନୀ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ରହିବେ ବୋଲି ସୂଚନା ଦିଆଯାଇଛି। ଏପରିକି ୩ ରାପିଡ୍ ଆକ୍ସନ ଫୋର୍ସ ସହ ଅତିରିକ୍ତ ୫୦ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ।

# ଆୟୁଷ୍ମାନ ଯୋଜନାରେ ସାମିଲ ପାଇଁ ଦାବି ଉଠାଇଲେ ସାଧୁସନ୍ଥ

ଭୁବନେଶ୍ୱର, ୧୩/୪ (ମହାଭାରତ) : ସରକାର ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ତେବେ ଏଥିରେ ସାମିଲ ପାଇଁ ସାଧୁସନ୍ଥମାନେ ମଧ୍ୟ ନିବେଦନ କରିଛନ୍ତି। ପୁରୀରେ ସାଧୁ ସମାଜ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଏନେଇ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ ୪୦ ହଜାରରୁ ଅଧିକ ସାଧୁସନ୍ଥ ରହିଥିବାବେଳେ ସ୍ୱାସ୍ଥ୍ୟମନ୍ତ୍ରୀ ସେମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। କଟକି ମଠ ମହନ୍ତ ବିଜୟ ରାମାନୁଜ ଦାସ ଏନେଇ ସୂଚନା ଦେଇଛନ୍ତି।

# ଏନ୍‌କାଉଣ୍ଟର ମୋଡ୍‌ରେ ପୁଲିସ, ୩ ମାସରେ ୧୫ ଏନ୍‌କାଉଣ୍ଟର

ଭୁବନେଶ୍ୱର, ୧୩/୪ (ମହାଭାରତ) : ଅପରାଧ କରି ଆଉ ବର୍ତ୍ତିପାରିବେନି ଅପରାଧି। କାରଣ ଅପରାଧ ବିରୋଧରେ ପୋଲିସ ଆପଣାଇଛି ଜିରୋ ଟଲେରାନ୍ସ ନୀତି। ୩ଦିନରେ ୩ଟି ଏନ୍‌କାଉଣ୍ଟର ଅପରାଧିଙ୍କ ମନରେ ଭୟ ସୃଷ୍ଟି କରିଛି । ଆଜି ସକାଳେ ସମ୍ବଲପୁରରେ ଗର୍ଜିଥିଲା ପୋଲିସର ବନ୍ଧୁକ । କୁଖ୍ୟାତ ଅପରାଧୀ ସୀତାରମ୍ ଷଡଙ୍ଗୀକୁ ଗୁଳି କରିଥିଲା ପୋଲିସ । ଡକାୟତି ମାମଲାରେ ଗିରଫ ପାଇଁ ଯିବା ବେଳେ ପୋଲିସ ଉପରକୁ ଗୁଳି କରିବାକୁ ଏନକାଉଣ୍ଟର କରିଥିଲା ପୋଲିସ । ସୀତାରମ୍‌ର ବାମ ଗୋଡ଼ରେ ଗୁଳି ବାଜିଥିବା ବେଳେ ତା ନିକଟରୁ ପିସ୍ତଲ, ଗୁଳି, ବାଇକ୍



ଓ ୧ ଲକ୍ଷ ଟଙ୍କା ଜବତ ହୋଇଛି । ସିତାରମ୍ ନାଁରେ ରହିଛି ହତ୍ୟା, ଡକାୟତି ଭଳି ୨୫ରୁ ଅଧିକ ମାମଲା । ରାଜ୍ୟରେ ଅପରାଧ ନିୟନ୍ତ୍ରଣ ପାଇଁ ପୁଲିସର କଡ଼ା ଅଭିମୁଖ୍ୟ । ଟାର୍ଗେଟରେ ହାର୍ଡକୋର ଅପରାଧୀ । ଡକାୟତ, ଗୋଚାଲଣକାରୀ, ନିଶା ମାଫିଆଙ୍କୁ ଦେଖିବା ମାତ୍ରେ ଗୁଳି କରୁଛି ପୁଲିସ। ଗତ ୩ମାସରେ ରାଜ୍ୟରେ ମୋଟ ୧୫ଟି ଏନକାଉଣ୍ଟର ଘଟିଛି। ଶନିବାର ଝାରସୁଗୁଡ଼ାରେ ୨ ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଏନକାଉଣ୍ଟର, ଶୁକ୍ରବାର ଭୁବନେଶ୍ୱରରେ ନିଶା ମାଫିଆଙ୍କୁ ଗୁଳି, ଭୁବନେଶ୍ୱରରେ ୩ ମାସରେ ୪ ଏନକାଉଣ୍ଟର, ଫେବୃୟାରି ୧୬ରେ ଆପାର୍ଟମେଣ୍ଟ ଲୁଟେରାଙ୍କୁ ହୋଇଥିଲା ଏନକାଉଣ୍ଟର, ମାର୍ଚ୍ଚ ମାସରେ ଏଟିଏମ୍ ଲୁଟେରାଙ୍କୁ ଏନ୍‌କାଉଣ୍ଟର କରିଥିଲା ପୁଲିସ, ଏପ୍ରିଲ ୩ରେ ୨ ବିହାରୀ ଚେନ୍ ଲୁଟେରାଙ୍କୁ କରାଯାଇଥିଲା ଏନକାଉଣ୍ଟର। ଏପ୍ରିଲ ୧୧ରେ ନିଶା ମାଫିଆ ଶେଖ ଜାମସେଦକୁ ଏନକାଉଣ୍ଟର, ଏପ୍ରିଲ ୧୨ରେ ୨ ଦୁଷ୍କର୍ମ ଅଭିଯୁକ୍ତଙ୍କୁ ଝାରସୁଗୁଡ଼ାରେ ଏନକାଉଣ୍ଟର, ରାଜ୍ୟରେ ଅପରାଧ ବଢୁଥିବା ବେଳେ ଏହାକୁ ନିୟନ୍ତ୍ରଣ କରିବା ପୋଲିସ ପାଇଁ ଚାଲେଞ୍ଜ ହୋଇଛି। ଏଭଳି ସ୍ଥିତିରେ ଅପରାଧିଙ୍କୁ ଏନ୍‌କାଉଣ୍ଟର ଅପରାଧ ରୋକିବା ଦିଗରେ କେତେ ସଫଳ ହେଉଛି ଦେଖିବାକୁ ଅପେକ୍ଷା ।

# ରାଜଧାନୀ ପ୍ରତିଷ୍ଠା ଦିବସରେ ଦୁଇଦିନିଆ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ



ଭୁବନେଶ୍ୱର, ୧୩/୪ (ମହାଭାରତ) : ରାଜଧାନୀ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ଜୟଦେବ ଭବନରେ ଏକ ସ୍ୱତନ୍ତ୍ର ଫଟୋଚିତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତି ସୁରମା ପାଢୀ ଏହି ଫଟୋଚିତ୍ର ପ୍ରଦର୍ଶନୀ ଉଦ୍ ?ଘାଟନ କରିଥିଲେ।

ଏଥିରେ ଭୁବନେଶ୍ୱରର ଐତିହ୍ୟ, କଳା, ସ୍ଥାପତ୍ୟ, ରାଜନୈତିକ ପୃଷ୍ଠଭୂମି, ସାମାଜିକ ରୂପାନ୍ତରଣ, ଆଧାତ୍ମିକ ପରିଦୃଶ୍ୟ, ସ୍ମାର୍ଟ ସିଟି ହେବା ପର୍ଯ୍ୟନ୍ତ ଭୁବନେଶ୍ୱରର କ୍ରମବର୍ଦ୍ଧିଷ୍ଣୁ ବିକାଶ ଆଦି ଉପରେ ଫଟୋଚିତ୍ର ପ୍ରଦର୍ଶିତ ହେଉଛି। ଏହି ଦୁଇଦିନିଆ ପ୍ରଦର୍ଶନୀ ଆସନ୍ତାକାଲି (ସୋମବାର) ପର୍ଯ୍ୟନ୍ତ ଦର୍ଶକଙ୍କ ନିମନ୍ତେ ଖୋଲା ରହିବ।

# ତାତିରୁ ଆଶ୍ୱସ୍ତି ଆଣିଲା କାଳବୈଶାଖୀ

ଭୁବନେଶ୍ୱର, ୧୩/୪ (ମହାଭାରତ) : ୧୭ ଯାଏଁ କାଳବୈଶାଖୀରୁ ନିସ୍ତାର ନାହିଁ । କାଳବୈଶାଖୀ ବର୍ଷା ଯୋଗୁଁ ରାଜ୍ୟର ବିଭିନ୍ନ ସ୍ଥାନରେ ଦିନ ତାପମାତ୍ରା ହ୍ରାସ ପାଇଛି । ଅଧିକାଂଶ ସ୍ଥାନରେ ତାପମାତ୍ରା ୩ରୁ ୫ ଡିଗ୍ରୀ କମିଛି । ଆଗାମୀ ୨ଦିନ ଯାଏ ତାପମାତ୍ରା ୨ରୁ ୩ ଡିଗ୍ରୀ କମିବା ନେଇ ପୂର୍ବାନୁମାନ କରିଛି ଭୁବନେଶ୍ୱର ପାଣିପାଗ କେନ୍ଦ୍ର । ଆଜି ରାଜ୍ୟର ଅଧିକାଂଶ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଛି । ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ । ଭଦ୍ରକ, ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, କଟକ,



କେନ୍ଦ୍ରାପଡା ଓ ଜଗତସିଂହପୁରକୁ ଆଲର୍ଟ ଜାରି ହୋଇଛି । ବର୍ଷା ସାଙ୍ଗକୁ ବିଜୁଳି ଘଡଘଡି ହୋଇପାରେ । ଘଣ୍ଟାପ୍ରତି ୩୦ରୁ ୪୦କିମି ବେଗରେ ପବନ ବହିପାରେ । ସେହିପରି ଆସନ୍ତାକାଲି ପାଇଁ ମଧ୍ୟ ୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଆସନ୍ତା ୧୭ ତାରିଖ ଯାଏ ଏଭଳି ସ୍ଥିତି ଲାଗି ରହିବ ।

# ପୁରୀରେ ବିଜେପିର ପ୍ରଶିକ୍ଷଣ ଶିବିର ଶେଷ

ଭୁବନେଶ୍ୱର/ପୁରୀ, ୧୩/୪ (ମହାଭାରତ) : ପୁରୀରେ ବିଜେପି ପ୍ରଶିକ୍ଷଣ ଶିବିର ଶେଷ ହୋଇଛି। ବିଜେପି ବିଧାୟକ, ସାଂସଦ ଏବଂ ମନ୍ତ୍ରୀଙ୍କୁ ଶୃଙ୍ଖଳା ଏବଂ ଅନୁଶାସନର ଟିପ୍ସ ଦେଇଥିଲେ ୩ କେନ୍ଦ୍ରୀୟ ନେତା । ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବିଏଲ ସନ୍ତୋଷ, ସହସଂଗଠନ ମନ୍ତ୍ରୀ ବି ସତୀଶ ଏବଂ ସାଧାରଣ ସମ୍ପାଦକ ସୁନୀଲ ବଂଶଲ ଆଜି ଦଳର ସଦସ୍ୟମାନଙ୍କୁ ନେତାଙ୍କ କାର୍ଯ୍ୟଶୈଳୀ କେମିତି ହେବା ଉଚିତ ତାହା ଜଣାଇଥିଲେ। ସେହିପରି ସରକାର ଏବଂ ସଂଗଠନ ମଧ୍ୟରେ ସମନ୍ୱୟ ରଖିବାକୁ ପରାମର୍ଶ ଦେଇଥିଲେ। ତୁମେ କ୍ଷମତାରେ ରୁହ କି ନରୁହ, ଦଳ କ୍ଷମତାରେ ରହିବା ଦରକାର। ଦଳ କ୍ଷମତାରେ ରହିଲେ ଭିଜନ ପୂରା ହୋଇପାରିବ। ୟୁପି



ମଡେଲରେ ନିଜ ନିଜ ନିର୍ବାଚନ ମଣ୍ଡଳୀ ପାଇଁ ଭିଜନ ପ୍ରସ୍ତୁତ କର। ପ୍ରତି ୩ ମାସରେ ଥରେ ନିର୍ବାଚନ ମଣ୍ଡଳୀ ବିକାଶର ରିଭ୍ୟୁ କରି ରିପୋର୍ଟ କର। ପୁରୀରେ ଚାଲିଥିବା ବିଜେପି ପ୍ରଶିକ୍ଷଣ ଶିବିରର ଅନ୍ତିମ ଦିନରେ ଆଜି ବିଧାୟକ ଓ ସାଂସଦଙ୍କୁ ଏଭଳି ଟିପ୍ସ ଦେଇଥିଲେ ୩ କେନ୍ଦ୍ରୀୟ ନେତା, ରାଷ୍ଟ୍ରୀୟ ସଂଗଠନ ମହାମନ୍ତ୍ରୀ ବିଏଲ ସନ୍ତୋଷ, ସହସଂଗଠନ ମନ୍ତ୍ରୀ ଭି. ସତୀଶ ଏବଂ ସାଧାରଣ ସମ୍ପାଦକ ସୁନୀଲ ବଂଶଲ। ଜନତାଙ୍କ ପ୍ରତି କେମିତି ରହିବ ନେତାଙ୍କ ବ୍ୟବହାର, କାର୍ଯ୍ୟକର୍ତ୍ତା ଓ ଲୋକଙ୍କ ସହ କେମିତି କଥା ହେବେ ଜନ ପ୍ରତିନିଧି, ଫୋନରେ କଥା ହେଲା ବେଳେ କେମିତି ଶାଳିନତା ରକ୍ଷା କରିବେ, କାର୍ଯ୍ୟାଳୟକୁ ଗଲେ କର୍ମକର୍ତ୍ତାଙ୍କ ପ୍ରତି କେମିତି ଆଚରଣ ଦେଖାଇବେ , ସେନେଇ ଦେଇଥିଲେ ଦୀକ୍ଷା। ଜନ ପ୍ରତିନିଧି ଓ ସଙ୍ଗଠନ ଗୋଟିଏ ସରଳ ରେଖାରେ ରହିବା ଦରକାର। ସଂଗଠନକୁ ସାଙ୍ଗରେ ନେଇ ଚାଲିଲେ, ତଳଲୋକ ପର୍ଯ୍ୟନ୍ତ ସୁବିଧା ପହଞ୍ଚି ପାରିବ, ଏସବୁ କିଛି ଜଣାଇଥିଲେ ପ୍ରଶିକ୍ଷକ। ପଦ ପଦବୀ ବଡ଼ ନୁହେଁ । ୨୦୩୬ ପାଇଁ ବିଜେପି ଯେଉଁ ଭିଜନ ଡକ୍ୟୁମେଣ୍ଟ ଦଳ ପ୍ରସ୍ତୁତ କରିଛି, ତାକୁ ସଫଳ କରିବା ପାଇଁ କ୍ଷମତାରେ ରହିବାକୁ ପଡିବ ବୋଲ କହିଛନ୍ତି। ଦଳର ସାଂସଦ ବିଧାୟକ ମନ୍ତ୍ରୀଙ୍କ ମଧ୍ୟରେ ଯାଏ କିଭଳି ବଣ୍ଡିଙ୍ଗ ରହିବ, ପରସ୍ପରକୁ ଜାଣିବେ, ନିଜ ନିଜ ଭିତରେ ସାମନ୍ୱୟ ରହିବ ସେଥିପାଇଁ ତିନି ଦିନ ଏକାଠି ରହିଥିଲେ. ରାତିରେ ଭଲି ଖେଳିଥିଲେ ସକାଳୁ ସାମୁହିକ ଯୋଗ କରିଥିଲେ. ଆଉ ହ୍ୱିସିଲ ବାଜିଲେ ସମସ୍ତେ ପୁଣି ପ୍ରଶିକ୍ଷଣ ଶିବିରରେ ପହଞ୍ଚି ଯାଉଥିଲେ।

## ଏନଆଇଟି ଛାତ୍ରଙ୍କ ନିଆରା ପ୍ରୟାସ
# ବିନା ମାଟି ଓ ରାସାୟନିକ ସାରରେ କରୁଛନ୍ତି ଚାଷ

ଭୁବନେଶ୍ୱର, ୧୩/୪ (ମହାଭାରତ) : ବିନା ମାଟି ଓ ବିନା ରାସାୟନିକ ସାରରେ ପରିବା ଚାଷ କରିଛନ୍ତି ସ୍ୱାଧୀନ କୁମାର । ଚାରିଆଡ଼େ ଧଳାରଙ୍ଗର ପଲିଥିନ ଭିତରେ ରହିଛି ଶୀତତାପ ନିୟନ୍ତ୍ରଣ ବ୍ୟବସ୍ଥା । ଅନେକ ପ୍ରକାର ସବୁଜ ରଙ୍ଗର ପରିବା ଫଳୁଛି । ନୂଆ ଜ୍ଞାନ କୌଶଳରେ କୋରାପୁଟରେ ଏହି ଚାଷ କରିଛନ୍ତି ଏନଆଇଟି ଛାତ୍ର ସ୍ୱାଧୀନ କୁମାର । ସେଲେରି, ଚେରି ଟମାଟୋ, ଗ୍ରୀନ୍ ଲେଟ୍ୟୁସ, ରେଡ୍ ଲେଟ୍ୟୁସ, କ୍ୟାପ୍ସିକମ୍, ଚାଇନିଜ୍ ? କ୍ୟାବେଜ ଭଳି ବିଦେଶୀ



ପରିବା ଚାଷ ହୋଇଛି । କାଲେ, ପାର୍ସଲେ, ଥାଇମ ଓ ମିଣ୍ଟ ଭଳି ପତ୍ରଜାତୀୟ ଚାଷ ମଧ୍ୟ ସ୍ୱାଧୀନ କୁମାର କରିଛନ୍ତି । ଏହି ପନିପରିବା ଓ ପତ୍ରରେ ଭରପୂର ପୋଷକ ତତ୍ତ୍ୱ ଏବଂ ଔଷଧୀୟ ଗୁଣ ରହିଛି । ଯାହା ବିଶେଷକରି ବିଦେଶରେ ହୋଇଥାଏ । ଦାମ୍ ମଧ୍ୟ ଅଧିକ। ଏହାକୁ ସାଲାଡ ଓ ପାନୀୟରେ ବ୍ୟବହାର କରାଯାଏ। ଯାହାକି ବଡ଼ ବଡ଼ିଆଙ୍କ ପ୍ରଥମ ପସନ୍ଦ । ଆନେକ ରୋଗରୁ ମଧ୍ୟ ଉପଶମ ଦେଇଥାଏ ଏହି ପରିବା । ଯେଉଁଥିରେ ଅଧିକ ପରିମାଣର କ୍ୟାଲୋରୀ, ଭିଟାମିନ୍ ଓ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି । ହାଇଡ୍ରୋପୋନିକ ପ୍ରଣାଳୀରେ ଏହି ଚାଷ କରିଛନ୍ତି ସ୍ୱାଧୀନ କୁମାର । କୋକୋପିଟରେ ବିଭିନ୍ନ ଜୈବିକ ସାର ଦେଇ ଚାଷ କରାଯାଉଛି । ସ୍ୱାଧୀନ କୁମାର ୪- ୫ ଜଣ କର୍ମଚାରୀ ନିୟୋଜିତ କରିବା ସହ ଏଥିରୁ ଭଲ ରୋଜଗାର କରୁଛନ୍ତି । ନୂଆ ପ୍ରକାରର ଚାଷ ହୋଇଥିବାରୁ କର୍ମଚାରୀମାନେ ମଧ୍ୟ ଖୁସି ଅନୁଭବ କରୁଛନ୍ତି । ବିଦେଶରୁ ଚାରା ଓ ବିହନ ଆଣି ପ୍ରଥମ ଥର ପାଇଁ କୋରାପୁଟରେ ଏଭଳି ପ୍ରଣାଳୀରେ ଚାଷ କରାଯାଇଛି । ରାୟପୁର, ପୁନେ, ହାଇଦ୍ରାବାଦ, କୋଲକାତା ଓ ଭୁବନେଶ୍ୱରର ବଡ଼ବଡ଼ ହୋଟେଲକୁ ପଠାଯାଉଛି। ଏକର ଏକର ଜାଗାରେ ହୋଇଛି ଏହି ଫାର୍ମ। କମ୍ ଜମି, କମ୍ ପାଣି ଓ କମ୍ ପରିଶ୍ରମରେ ଏହି ଚାଷରୁ ଭଲ ରୋଜଗାର ହେଉଛି ।

# ରାଜଧାନୀରୁ ଶିଶୁ ଚୋରି ଅଭିଯୋଗ

ଭୁବନେଶ୍ୱର, ୧୩/୪ (ମହାଭାରତ) : ରାଜଧାନୀରୁ ପିଲା ଚୋରିର ସାଂଘାତିକ ଅଭିଯୋଗ । ଦେଢ ବର୍ଷର ଶିଶୁ ପୁତ୍ରକୁ ମାଆ କୋଳରୁ ନେଇଯାଇଛନ୍ତି ଦୁର୍ବୃତ୍ତ । ବିସ୍କୁଟ, ଜୁସ୍ ଓ ମୋବାଇଲର ଲୋଭ ଦେଖାଇ ଜଣେ ଦୃଷ୍ଟିବାଧିତ ମାଆର ଶିଶୁ ପୁତ୍ରକୁ ନେଇଯାଇଛନ୍ତି ଦୁର୍ବୃତ୍ତ। ଏପରି ଅଭିଯୋଗ ଆଣିଛନ୍ତି ରାମ ମନ୍ଦିର ଆଗରେ ଭିକ୍ଷାବୃତ୍ତି କରିଥିବା ଜଣେ ଦିବ୍ୟାଙ୍ଗ ମହିଳା । ଶନିବାର ବିଳମ୍ବିତ ରାତି ପ୍ରାୟ ୨ଟା ସମୟର ଘଟଣା । ଏହି ଘଟଣା ରାଜଧାନୀରେ ଚାଞ୍ଚଲ୍ୟ ଖେଳାଇ ଦେଇଛି । ପିଲାକୁ ପାଇବା ପାଇଁ ଖାରବେଳନଗର ଥାନାରେ ଦ୍ୱାରସ୍ଥ ହୋଇଛନ୍ତି ମହିଳା । କହିଛନ୍ତି ମୋ ପିଲାକୁ କିଏ ନେଇଯାଇଛି । ଅଙ୍ଗ ତସ୍କରି ପାଇଁ କେହି କିଡନାପ୍ ? କରିଥିବା ଆଣିଛନ୍ତି ସଂଗୀନ ଅଭିଯୋଗ । ଅଭିଯୋଗ ଆଧାରରେ ତନାଘନା ଆରମ୍ଭ କରିଛି ପୋଲିସ । ସହରରେ ଲାଗିଥିବା ସିସିଟିଭିକୁ ତନ୍ନତନ୍ନ କରି ଯାଞ୍ଚ କରିଛି ପୋଲିସ । ଦୁର୍ବୃତ୍ତମାନେ ଦେଢ ବର୍ଷର ଶିଶୁ ପୁତ୍ରକୁ ନେବା ପରେ ଏକ ଗାଡିରେ ଖାରବେଳ ନଗର ଥାନା ଅଞ୍ଚଳ ଦେଇ ଯାଉଥିବା ଦେଖିବାକୁ ମିଳିଛି ।

# ନୂଆ ୱାକଫ ଆଇନକୁ କଟକରେ ବିରୋଧ

କଟକ, ୧୩/୪ (ମହାଭାରତ): ପ୍ରଥମେ ପଶ୍ଚିମବଙ୍ଗ ଆଉ ଏବେ କଟକ। ସବୁଠି ୱାକଫ ଆଇନକୁ ବିରୋଧ। ପଶ୍ଚିମବଙ୍ଗରେ ୱାକଫ ଆଇନ ପ୍ରସଙ୍ଗରେ ଦଙ୍ଗା ଦେଖା ଦେଇଥିବା ବେଳେ, କଟକରେ ମଧ୍ୟ ୱାକଫ ଆଇନକୁ ବିରୋଧ କରାଯାଉଛି। ଏହି ୱାକଫ ଆଇନକୁ ବିରୋଧ କରି ଏକାଠି ହୋଇଛନ୍ତି ଶତାଧିକ ମୁସଲିମ ସମ୍ପ୍ରଦାୟ। ସଂଶୋଧିତ ବିଲର କିଛି ନିୟମକୁ ନେଇ ବିରୋଧ କରି ଏକାଠି ହୋଇଛନ୍ତି ଶତାଧିକ ମୁସଲିମ୍ ସମ୍ପ୍ରଦାୟ। ଆଗକୁ ଏହି ପ୍ରସଙ୍ଗ ବିରୋଧରେ କୋର୍ଟକୁ ଯିବାର ସମ୍ଭାବନା ମଧ୍ୟ ରହିଛି। କିଛି ଆଇନକୁ ସଂଶୋଧିତ କରିବାର ଦାବି ରହିଛି। ସେପଟେ ସମସ୍ୟାର ସମାଧାନ ନହେଲେ କୋର୍ଟର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି ମୁସଲିମ୍। ପୂର୍ବରୁ ୩୭୦ ଧାରା, ତ୍ରିପଲ ତଲାଖ ଭଳି ୱାକଫ ପ୍ରସଙ୍ଗରେ ମଧ୍ୟ କେନ୍ଦ୍ର ସରକାର ମନମାନି କରୁଥିବା ଅଭିଯୋଗ କରିଛନ୍ତି। ମସଜିଦରେ ଶତାଧିକ ମୁସଲିମ ଏକାଠି ହୋଇ ଏହାର ପ୍ରତିବାଦ କରିଛନ୍ତି। ଆଗକୁ ସ୍ଥିତି ଭୟଙ୍କର ହେବ ବୋଲି ଚେତାବନୀ ଦେଇଛନ୍ତି।

# ମାଓବାଦୀଙ୍କ ଶାନ୍ତି ଅପିଲ

ଚଳିତ ବର୍ଷ ମାତ୍ର ୩ ମାସରେ ପ୍ରାୟ ଦେଢ ଶହ ମାଓବାଦୀ ସୁରକ୍ଷା କର୍ମୀଙ୍କ ଗୁଳିରେ ପ୍ରାଣ ହରାଇବା ଏବଂ ଶହେରୁ ଅଧିକ ମାଓକ୍ୟାଡର ଆତ୍ମସମର୍ପଣ କରିବା ପରେ ଏବେ ଲାଲଗଡ଼ରେ ଆତଙ୍କ ସୃଷ୍ଟି ହେବା ପରି ମନେ ହେଉଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ୨୦୨୬ ମାର୍ଚ୍ଚ ୩୧ ସୁଦ୍ଧା ଭାରତକୁ ମାଓମୁକ୍ତ କରିବାକୁ ଘୋଷଣା କରିଛନ୍ତି । ପ୍ରଥମ ଥର ପାଇଁ କେନ୍ଦ୍ର ସରକାର ମାଓଦମନ ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ନିର୍ଦ୍ଧାରଣ କରିଛନ୍ତି । ଗୃହମନ୍ତୀ ଅମିତ ଶାହା ଯାହା ସଙ୍କଳ୍ପ କରନ୍ତି ତାହାକୁ କାର୍ଯ୍ୟକାରୀ କରନ୍ତି । ଧାରା ୩୭୦ ଉଚ୍ଛେଦ ଏହାର ସବୁଠାରୁ ବଡ଼ ଉଦାହରଣ । ମାଓବାଦମୀାନେ ଭଲଭାବେ ଜାଣିଛନ୍ତି କେନ୍ଦ୍ର ସରକାର ସେମାନଙ୍କୁ ସମୂଳେ ନିପାତ କରିବାକୁ ସଙ୍କଳ୍ପ ନେଇଛନ୍ତି । ଏଥିଲାଗି ଅପରେସନ କାଗର ଆରମ୍ଭ ହୋଇଛି । ରାଜ୍ୟ ପୋଲିସର ସ୍ୱତନ୍ତ୍ର ଫୋର୍ସ ସହିତ ସିଆରପିଏଫ ଏବଂ ବିଏସଏଫ ଏଥିରେ ସାମିଲ ହୋଇଛନ୍ତି । ମାଓବାଦୀଙ୍କ ଗଡ଼ ଭାବେ ପରିଚିତ ଛତିଶଗଡ଼ର ବସ୍ତର ଉପତ୍ୟକାରେ ଧାରାବାହିକ ଭାବେ କମ୍ବିଂ ଅପରେସନ ଜାରି ରହିଛି । ଏଥିରେ ଅନେକ କୁଖ୍ୟାତ ମାଓନେତା ପ୍ରାଣ ହରାଇଲେଣି । କେବଳ ଛତିଶଗଡ଼ ନୁହେଁ, ଓଡ଼ିଶା, ମହାରାଷ୍ଟ୍ରର ଗଡ଼ଚିରୋଲି, ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ତେଲେଙ୍ଗାନାରେ ମଧ୍ୟ ମାଓଦମନ ଅଭିଯାନ ତ୍ୱରାନ୍ୱିତ ହୋଇଛି । ଏଥିରେ ଭୟଭୀତ ହୋଇ ମାଓବାଦନୀମାନେ ଏବେ ଶାନ୍ତି ଆଲୋଚନା ପାଇଁ ବାର୍ତ୍ତା ପଠାଇଛନ୍ତି । ଏହା ସ୍ୱାଗତଯୋଗ୍ୟ । ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର । ଏଠାରେ ବନ୍ଧୁକ ନୁହେଁ, ଆଇନର ଶାସନ ଚାଲେ । ମାଓବାଦୀମାନେ ସରକାରଙ୍କୁ ଦମନ ମୂଳକ ଅଭିଯାନ ଲାଗି ବାଧ୍ୟ କରୁଛନ୍ତି । ନଚେତ ଯବାନମାନେ କାହିଁକି ଜଙ୍ଗଲରେ ନିଜ ଜୀବନକୁ ବିପନ୍ନ କରି ମାଓବାଦୀଙ୍କ ସହ ଲଢ଼ନ୍ତେ ? ମାଓବାଦୀମାନେ ସର୍ତ୍ତ ରଖିଛନ୍ତି ଯେ, ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ମାଓଦମନ ଅଭିଯାନ ବନ୍ଦ କଲେ ସେମାନେ ମଧ୍ୟ ଅସ୍ତ୍ର ପରିତ୍ୟାଗ କରିବେ । ଏହା ସ୍ୱାଗତଯୋଗ୍ୟ । ଗୃହମନ୍ତ୍ରୀ ବାରମ୍ବାର ମାଓବାଦୀମାନଙ୍କୁ ଅସ୍ତ୍ରଶସ୍ତ୍ର ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ କରିଛନ୍ତି । କିନ୍ତୁ ମାଓବାଦୀମାନେ ପୋଲିସ ନିକଟରେ ଆତ୍ମସମର୍ପଣ ନୁହେଁ, ସର୍ତ୍ତମୂଳକ ଆାଲୋଚନା କଥା କହୁଛନ୍ତି । ସେଥିରେ ବି କିଛି ଆପତ୍ତି ନାହିଁ । କିନ୍ତୁ ଆଲୋଚନା ପୂର୍ବରୁ ସରକାର ସର୍ତ୍ତ ରଖିବା ଉଚିତ ଯେ, ସେମାନେ ସମ୍ପୂର୍ଣ୍ଣ ଭାବେ ଅସ୍ତ୍ର ପରିତ୍ୟାଗ କରନ୍ତୁ । ଅସ୍ତ୍ରବିରତି ସାମୟିକ ଭାବେ ନୁହେଁ, ସ୍ଥାୟୀ ଭାବେ ହେବା ଉଚିତ । ସେମାନଙ୍କର କ'ଣ ଅଭିଯୋଗ ରହିଛି, ଦାବି ରହିଛି ତାହା ସେମାନେ ଖୋଲାଖୋଲି ଭାବେ ଗଣମାଧ୍ୟମ ଜରିଆରେ ପ୍ରକାଶ କରନ୍ତୁ । ସମ୍ବିଧାନର ପରିସୀମା ଭିତର ଏହା କାର୍ଯ୍ୟକାରୀ ହୋଇପାରିବ କି ନାହିଁ ତାହା ସରକାର ବିଚାର କରନ୍ତୁ । କିନ୍ତୁ ମାଓବାଦୀଙ୍କ ଉପରେ ସୃଷ୍ଟି ହୋଇଥିବା ଚାପ ହ୍ରାସ କରାନଯାଉ । ମାଓବାଦୀଙ୍କୁ ନିର୍ମମ ଭାବେ ଦମନ କରିବା ଅଭିଯାନରେ ବିରତି ଅନୁଚିତ । ମାଓବାଦନୀମାନେ ଅଭିଯାଗ କରିଛନ୍ତି ଯେ, ସୁରକ୍ଷା ବାହିନୀର କମ୍ବିଂ ଅପରେସନରେ ବହୁ ସଂଖ୍ୟରେ ନିରୀହ ଆଦିବାସୀ ପ୍ରାଣ ହରାଇଛନ୍ତି । ଏଥିପାଇଁ ମାଓବାଦୀମାନେ ଦାୟୀ । ଆଦିବାସୀଙ୍କୁ ମାଓବାଦୀ ସଜାଇ ସେମାନଙ୍କ ହାତରେ କିଏ ଅସ୍ତ୍ର ଧରାଇଛି ? ଯିଏ ଆଦିବାସୀଙ୍କୁ ବିଭ୍ରାନ୍ତ କରି ଚାଷ କମ ଛାଡ଼ି ବନ୍ଧୁକ ଧରିବାକୁ ପ୍ରବର୍ତ୍ତାଇଛି, ଯିଏ ଆଦିବାସୀଙ୍କୁ ଆଇନକୁ ନିଜ ହାତକୁ ନେବା ପାଇଁ ପ୍ରୋତ୍ସାହିତ କରିଛି ସେ ହିଁ ସେମାନଙ୍କ ବିନାଶ ପାଇଁ ଦାୟୀ ।

# ସାଧୁ - ସର୍ବ ଭୂତ ହିତେ ରତଃ

**।। ହେମନ୍ତ କୁମାର ପରିଡ଼ା ।।**

*"ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ । ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ । ବର୍ଷାଣାଂ ଭାରତ ଶ୍ରେଷ୍ଠ । ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି । ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି । ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା' । ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର । ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ ।*

ଭଗବାନ ତାଙ୍କ ପରମ ଶାସ୍ତ୍ର ଭାଗବତରେ ଏକ ଘୋଷଣା କରିଛନ୍ତି । 'ଏ ଜୀବ ସାଧୁସଙ୍ଗ ବିନୁ । ଲଭି ନପାରେ ମୋର ତନୁ ।' ଏହା ଏକ ସିଦ୍ଧାନ୍ତ, ଏକ ଉଦଘୋଷଣା । ଜୀବନରେ ପରମ ଶାନ୍ତି ଓ ଆନନ୍ଦ ପ୍ରାପ୍ତି ପାଇଁ ଭଗବତ ସାକ୍ଷାତକାର ସଭିଙ୍କର ଶ୍ରେଷ୍ଠ ଅଭିଳାଷ । କିନ୍ତୁ ଏହି ଅଭିଳାଷର ପୂର୍ତ୍ତି ପାଇଁ ସାଧୁସଙ୍ଗ ଏକମାତ୍ର ପଥ ବୋଲି ସ୍ୱୟଂ ଭଗବାନ ନିର୍ଦ୍ଦେଶ କରିଛନ୍ତି । ଭାଗବତ ମହାପୁରାଣରେ ସାଧୁଙ୍କ ମହିମା ଘୋଷଣା କରି କୁହାଯାଇଛି 'ସାଧୁ ଯେ ମଳୟ ପବନ, କାଷ୍ଠକୁ କରଇଁ ଚନ୍ଦନ ।' ଯେପରି ମଳୟ ସ୍ପର୍ଶରେ ନିମ୍ବ ଦାରୁ ଚନ୍ଦନରେ ରୂପାନ୍ତର ହୋଇଯାଏ, ସେହିଭଳି ସାଧୁଙ୍କ ସଂସ୍ପର୍ଶରେ ପାଶାଣ୍ଡ ମଧ ପ୍ରସିଦ୍ଧ ସନ୍ଥ ହୋଇଥିବାର ବହୁ ଉଦାହରଣ ଆମ ଶାସ୍ତ୍ର ପୁରାଣ ଓ ଲୋକ କଥାରେ ବର୍ଣ୍ଣିତ ହୋଇଛି ।

ଦସ୍ୟୁ ରତ୍ନାକର ଭଳି ଦୂରଚାରୀ ଦେବର୍ଷି ନାରଦଙ୍କ ସଂସ୍ପର୍ଶରେ ଆସି ମହାନ ତପସ୍ୱୀ ହୋଇଗଲେ । ସାଧୁ ହୋଇ ଆଦିକବି ଭାବେ ପ୍ରସିଦ୍ଧି ଲାଭ କଲେ । ଅଙ୍ଗୁଳୀମାଳ ଭଳି ଦୁଦ୍ଧର୍ଷ ଡାକୁ ଭଗବାନ ବୁଦ୍ଧଙ୍କ ଦର୍ଶନ କରି ମହାତ୍ମା ହୋଇଗଲେ । ଜଗାଇ ମାଧୋଇ ଦୁଇଜଣ ଦୁରାଚାରୀ ଥିଲେ । ପ୍ରେମମୂର୍ତ୍ତି ଶ୍ରୀଚୈତନ୍ୟଙ୍କ ସଂସ୍ପର୍ଶରେ ଆସି ସାଧୁ ବୈଷ୍ଣବ ହୋଇଗଲେ ଜୟ ପ୍ରକାଶ ନାରାୟଣଙ୍କ ପ୍ରଭାବରେ ଚମ୍ବଲ ଉପତ୍ୟକାର ଦସ୍ୟୁମାନେ ତାଙ୍କର କୁପ୍ରବୃତ୍ତି ପରିତ୍ୟାଗ କରି ଭଲ ମଣିଷ ହେବାକୁ ସଙ୍କଳ୍ପ ନେଇଥିଲେ । ଏହିଭଳି ଅନେକ ଉଦାହରଣ ଆମ ସମାଜରେ ଅଛି । ଅଗ୍ନି ସଂସ୍ପର୍ଶରେ ଆସି ଧାତୁ କାଷ୍ଠାଦି ଇତର ପଦାର୍ଥମାନ ଅଗ୍ନିରୂପ ଧାରଣ କରିଥାନ୍ତି । ଚୁମ୍ବକ ପ୍ରଭାବରେ ଲୁହା ଚୁମ୍ବକର ଗୁଣମାନ ଧାରଣ କରିଥାଏ । ଏହା ମହତ ଆଶ୍ରୟ ବା ସାଧୁ ସଙ୍ଗର ପ୍ରଭାବ । ସ୍ପର୍ଶମଣିର ସ୍ପର୍ଶରେ ଲୁହା ସୁନାରେ ପରିଣତ ହୋଇଯାଏ । ସେହିଭଳି ମଣିଷ ମଣିଷ ଇତର ପ୍ରାଣୀମାନେ ମଧ ସାଧୁସଙ୍ଗ ପ୍ରଭାବରେ ପରିବର୍ତ୍ତନ ହେବାର ଅନେକ ଉଦାହରଣ ଅଛି । ସଂସାର ବନ୍ଧନରୁ ପରିତ୍ରାଣ ପାଇଁ ସାଧୁସଙ୍ଗ ପ୍ରସସ୍ତ ପଥ ଅଟେ । ସେଥିପାଇଁ କୁହାଯାଇଛି 'କ୍ଷଣମିହ ସଜ୍ଜନ ସଙ୍ଗତିରେକା, ଭବତି ଭବାର୍ଣ୍ଣବ ତରଣେନୌକା ।'

ସାଧୁସନ୍ଥମାନେ ଏ ଧରଣୀର ଆଶୀର୍ବାଦ । ଏମାନେ ଚଳନ୍ତି ଈଶ୍ୱର ଭାବେ ଅବିହିତ । ବର୍ଷାଣାଂ ଭାରତ ଶ୍ରେଷ୍ଠ । ବିଶ୍ୱ ବକ୍ଷରେ ଭାତ ଭୂଖଣ୍ଡ ସର୍ବ ଶ୍ରେଷ୍ଠ ବୋଲି ବିହିତ ଅଛି । ପ୍ରାୟ ସମସ୍ତ ଦେବାଦେବୀମାନେ ଏହି ଭୂଖଣ୍ଡରେ ହିଁ ଅବତାର ଗ୍ରହଣ କରିଛନ୍ତି । ଏହା କେବଳ ମାଟି ଗୋଡ଼ିର ଏକ ଭୂଭାଗ ନୁହେଁ, ଏହି ମାଟି ଆମର ମା' । ଏହି ଦେଶର ମାଟି ପାଣି ପବନ ସବୁ ଅତ୍ୟନ୍ତ ପବିତ୍ର । ଏହାର ମାଟି ଆମ ପାଇଁ ଚନ୍ଦନ, ପାଣି ପବିତ୍ର ଗଙ୍ଗାଜଳ, ପବନ ସାକ୍ଷାତ ମଳୟ ହିଲ୍ଲୋଳ । ଏଠିକାର ସମୁଦ୍ର ମହୋଦଧି । ଏହି ମାର ଧୂଳିକୁ ଆମେ ତିଳକ କରି ମଥାରେ ଧାରଣ କରୁ । ଭାରତମାତା ତୀର୍ଥ ରାଜିରେ ପରିପୂର୍ଣ୍ଣ ବୋଲି ନକହି କୁହାଯାଇପାରେ ଏହି ବିଶାଳ ଭାରତ ଭୂଖଣ୍ଡ ଏକ ତୀର୍ଥକ୍ଷେତ୍ର । ଯେତେବେଳେ ସାରା ବିଶ୍ୱ ଅଜ୍ଞାନ ଅନ୍ଧକାରରେ ଆବୃତ ଥିଲା ସେତେବେଳେ ଭାରତ ବର୍ଷରେ ଜ୍ଞାନଦୀପ ପ୍ରଜ୍ଜୋଳିତ ଥିଲା । ଭାରତର ଅଧିବାସୀମାନେ ନିତ୍ୟ ଜ୍ଞାନରତ ରହି ଭାରତ ମାତାର ମୁଖଶ୍ରୀକୁ ଉଜ୍ଜ୍ୱଳ କରିବା ସହିତ ବିଶ୍ୱବାସୀଙ୍କୁ ଆପଣ ଜ୍ଞାନାଲୋକରେ ଜ୍ଞାନଦୀପ୍ତ କରିଥିଲେ । ଜୀବନର ପରିପୂର୍ଣ୍ଣତା ପଥେ ଏମାନଙ୍କ ମାର୍ଗ ଦର୍ଶନ ଅବିସ୍ମରଣୀୟ । ସର୍ବ ଭୂତଙ୍କ ହିତରେ ରତିଥିବା ବ୍ୟକ୍ତି ହେଉଛନ୍ତି ସାଧୁ । ସଫଳ ଜୀବନର ସହଜ ନିର୍ଯ୍ୟାସକୁ ଯେଉଁମାନେ ପ୍ରତିପାଦନ କରିଛନ୍ତି । ସମାଜ ତାଙ୍କୁ ସାଧୁ, ଗୁରୁ, ମାର୍ଗଦର୍ଶକ କହି ଶ୍ରଦ୍ଧା ସମ୍ମାନ କରିଛି । ଅନ୍ୟର ପିଡାକୁ ଅନୁଭବ କରୁଥିବା ବ୍ୟକ୍ତି ବୈଷ୍ଣବ ବୋଲି କୁହାଯାଇଛି । ସମାଜ ସେମାନଙ୍କୁ ପୂଜା ଅର୍ଘ୍ୟ ପ୍ରଦାନ କରି ଶ୍ରେଷ୍ଠସ୍ଥାନ ପ୍ରଦାନ କରିଛି । ସେଥିପାଇଁ କୁହାଯାଇଛି ସାଧୁନାଂ ଦର୍ଶନଂ ପୂଣ୍ୟ ତୀର୍ଥ ଭୂତାଃ ହି ସାଧବଃ, କାଳେନ ଫଳତେ ତୀର୍ଥଂ ସଦ୍ୟଃ ସାଧୁ ସମାଗମଃ ।' ଅର୍ଥାତ୍ ସାଧୁ ଦର୍ଶନରେ ଅଶେଷ ପୂଣ୍ୟ । ସାଧୁ ସାକ୍ଷାତ ତୀର୍ଥମୟ । ତୀର୍ଥମାନେ ସମୟ କ୍ରମେ ଫଳଦନା କରନ୍ତି । ସାଧୁ ମାନଙ୍କ ଦର୍ଶନ ତତକ୍ଷଣାତ ଫଳଦାୟକ ଅଟେ । ସାଧୁମାନେ ସାକ୍ଷାତ ଈଶ୍ୱରଙ୍କ ସ୍ୱରୂପ ଅଟନ୍ତି । ଭଗବାନ ମଧ ସ୍ୱୟଂ ସବୁବେଳେ ସାଧୁମାନଙ୍କ ପଦ ବନ୍ଦନ କରିଛନ୍ତି । ଆଶୀର୍ବାଦ ନେଇଛନ୍ତି, ଅଭିଷାପକୁ ମଥାପାତି ସହିଛନ୍ତି । କ୍ଷମା ଯାଚନା କରିଛନ୍ତି ପୁନଶ୍ଚ ସେମାନଙ୍କ ପରିତ୍ରାଣ ପାଇଁ ଅବତାର ମଧ ଗ୍ରହଣ କରିଛନ୍ତି । ସନ୍ଥ ତୁଳସୀ ଦାସଙ୍କ ଭାଷାରେ – 'ନିର୍ମଳ ଯେନ ସୋମୋହି ପାବା, ମୋହ କପଟ ଛଲ ଚିଦ୍ରନ ପାବା ।' ଯାହାର ହୃଦୟ ନିର୍ମଳ, ମନ ପବିତ୍ର ଏବଂ ମୋହ, କପଟାଚାର, ଛଳନାମୁକ୍ତ ସେହି କେବଳ ପ୍ରଭୁଙ୍କୁ ପାଇ ପାରିବ । ଅଭିଧାନରେ ସାଧୁ ଶବ୍ଦର ଅନେକ ପରିଭାଷା ଉଲ୍ଲେଖ ଅଛି । ସେ ସବୁ ମଧରେ ସୁଶୀଳ, ସତସ୍ୱଭାବ, ସାଦାଶ୍ରୟ, ସଦାଚାର, ଧର୍ମ ନିପୁଣ ଆଦି ପ୍ରଧାନ । ସଦଗୁଣଯୁକ୍ତ ଦୈବୀ ଭାବାପନ୍ନ ଉଦାର ହୃଦୟଶୀଳ ବ୍ୟକ୍ତି ସାଧୁ ସ୍ୱଭାବର । ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଅତି ସୁନ୍ଦର ଭାବେ ଦୈବୀ ଗୁଣ ସମ୍ପନ୍ନ ସାଧୁ ସ୍ୱଭାବର ବର୍ଣ୍ଣନା କରିଛନ୍ତି । 'ଅଭୟଂ ସତ୍ୱସଂଶୁଦ୍ଧି ଜ୍ଞାନ ଯୋଗ ବ୍ୟବସ୍ଥିତି । ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍ । ଅହିଂସା ସତ୍ୟମକ୍ରୋଧ ସ୍ତ୍ୟାଗଃ ଶାନ୍ତିରପୈଶୁନମ୍ । ଦୟା ଭୂତେଷ୍ୱଲୋ ଲୁପ୍ତଂ ମାର୍ଜବଂ ହୀରଚାପଳମ୍ । ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋନାତି ମାନିତା । ଭବନ୍ତି ସମ୍ପଦଂ ଦୈବୀମ ଅଭିଜାତସ୍ୟ ଭାରତ ।'

ଶ୍ରୀ ଭଗବାନ କହିଲେ ହେ ଅର୍ଜୁନ ! ଅଭୟ, ଶୁଦ୍ଧ ଅନ୍ତକରଣ, ଜ୍ଞାନ ନିମନ୍ତେ ଯୋଗରେ ଦୃଢ଼ ସ୍ଥିତି, ସାତ୍ୱିକ ଦାନ, ଇନ୍ଦ୍ରିୟ ସଂଯମ, ଯଜ୍ଞ, ସ୍ୱାଧ୍ୟାୟ, କର୍ତ୍ତବ୍ୟ ପାଳନ ନିମନ୍ତେ କଷ୍ଟ ସହନ, କାୟମନ ବାକ୍ୟରେ ସରଳତା, ଅହିଂସା, ସତ୍ୟ କଥନ, କ୍ରୋଧଶୂନ୍ୟତା, ବିଷୟବାସନା ତ୍ୟାଗ, ରାଗଦ୍ୱେଷ ବିବର୍ଜିତ ଅନ୍ତକରଣ, ଚୁଗୁଲି ନକରିବା, ଦୟାଶୀଳ, ଆସକ୍ତି ରହିତ ଅନ୍ତକରଣ, ଅକରଣ କରଣେ ଲଜ୍ଜ୍ୟା ବୋଧ, ଚପଳତା ରହିତ ସ୍ଥିର ବୁଦ୍ଧି, ତେଜ, କ୍ଷମା, ଧୈର୍ଯ୍ୟ, ଶାରୀରିକ ଶୁଚି, ନିର୍ବୈର ଭାବ ଏବଂ ନମ୍ର ଅମାନିତ୍ୱ ଭାବ ଆଦି ଦୈବୀ ଗୁଣ ଗୁଡ଼ିକ ସାଧୁର ସ୍ୱଭାବ ଅଟେ ।

ଭାରତ ବର୍ଷରେ ସାଧୁ ସନ୍ଥ ମାନଙ୍କୁ ସର୍ବାଗ୍ରେ ସମ୍ମାନ ପ୍ରଦର୍ଶନ କରାଯାଇଛି । ଆମେମାନେ ସାଧୁ କହିଲେ ଉପରୋକ୍ତ ସ୍ୱଭାବଯୁକ୍ତ ବ୍ୟକ୍ତିଙ୍କୁ ବୁଝୁ । ବେଶବାସ ପରିଧାନଯୁକ୍ତ ସାଧୁବେଶଧାରୀ ମାନଙ୍କୁ ଆମ ସମାଜ ଅଧିକ ମାନ୍ୟତା ପ୍ରଦାନ କରେ । ସେଥିପାଇଁ ତ ସାଧୁ ବେଶରେ ଅନେକ ଭଣ୍ଡଙ୍କର ଉତ୍ପାତ ସମାଜ ସହିଛି । ସାଧୁବେଶରେ ରାବଣ ମା ସୀତାଙ୍କୁ ହରଣ କରି ନେଇଥିଲେ, କାଳନେମି ସାଧୁବେଶରେ ହନୁମାନଙ୍କୁ ଭଣ୍ଡିବାକୁ ଚେଷ୍ଟା କରିଥିଲା । ଏହିଭଳି ଏକାଧିକ ଦୃଷ୍ଟାନ୍ତ ସମାଜରେ ଅଛି । ସାଧୁ ବେଶ ସାଧୁର ଏକ ଭୂଷଣ । ଏହି ସାଧୁବେଶ ସଠତାର ପରିଚାୟକ ନହୋଇ ଆତ୍ମ ବିଶ୍ୱାସ, ସରଳତାର ପ୍ରତୀକ ହେଉ । ସାଧୁର ଯେଉଁ ମହାନ ପରମ୍ପରା ଅନାଦି କାଳରୁ ପ୍ରତିଷ୍ଠିତ ହୋଇ ଆସିଛି । ସେଥିରେ କଳଙ୍କ ନଲାଗୁ । ଭାରତ ବର୍ଷ ସାଧୁ ସ୍ୱଭାବକୁ ସମ୍ମାନ ଦିଏ । ସେ ପଟଧାରୀ ସନ୍ୟାସୀ ବା ବୈଷ୍ଣବ ହୁଅନ୍ତୁ ଅଥବା ଗୃହସ୍ଥ ହୁଅନ୍ତୁ । ସାଧୁ ସ୍ୱଭାବ ହିଁ ଜଣେ ବାସ୍ତବ ସାଧୁର ପରିଚୟ । ଆମର ସବୁ ମୁନିଋଷି ଗୃହସ୍ଥ ଥିଲେ । ବିଶ୍ୱଗୁରୁ ବ୍ୟାସ ମଧ ଗୃହସ୍ଥ ଥିଲେ । ସାଧୁର ବେଶବାସ ବାହ୍ୟ ଶୁଚି ଅପେକ୍ଷା ଅନ୍ତଶୁଚିକୁ ଅଧିକ ମହତ୍ୱ ପ୍ରଦାନ କରାଯାଇଛି । ସମାଜରେ ନାନା ପ୍ରକାର ବେଶ ଧାରୀ ସାଧୁ ସନ୍ଥ ଦୃଶ୍ୟ ହୁଅନ୍ତି । ଗୈରୀକ କଷାୟ, ଶୁଭ୍ର, ରକ୍ତ, ପିତ, କୃଷ୍ଣ, ଏହିପରି ଅନେକ ବେଶବାସର ସାଧୁସନ୍ଥ ଦୃଷ୍ଟ ହୁଅନ୍ତି । କିଏ ଲଣ୍ଡିତ କିଏ ଜଟାଜୁଟ ବିମଣ୍ଡିତ କିଏ ଚିତାଚଇତନ ଯୁକ୍ତ ତ କିଏ ଭସ୍ମ ବିଲେପିତ ଧୂଳିଧୁଷରିତ, କିଏ କୌପୁନିବନ୍ତ ତ କିଏ ବସ୍ତ୍ର ବିରହିତ ତ୍ୟାଗ ବୈରାଗ୍ୟଯୁକ୍ତ । ନିର୍ମଳ ହୃଦୟ, ସରଳ ଜୀବନ, ଉଚ୍ଚ ଚିନ୍ତନ, ତ୍ୟାଗ ବୈରାଗ୍ୟଯୁକ୍ତ ଜୀବନ ଯାପନ ସାଧୁର ଭୂଷଣ ଅଟେ । କାଚକାଚ ମଣି ମଣି କୟ ବିକ୍ରୟେ ଜଣାଜଣି । ବିଶେଷକରି ସର୍ବଭୂତ ହିତେରତା । ଦୈବୀଗୁଣଯୁକ୍ତ ତ୍ୟାଗୀ ବ୍ୟକ୍ତି ହିଁ ବାସ୍ତବ ସାଧୁ ପଦବାଚ୍ୟ । ସେହିମାନେ ଏ ଧରଣୀର ଆଶୀର୍ବାଦ ତଥା ସମସ୍ତଙ୍କର ପୂଜ୍ୟ ଓ ଆଦର୍ଶ ।


ମାଳତୀକୁଞ୍ଜ, ପ୍ଲଟ ନଂ - ୫୨୬/ଡ଼ି,
ସେକ୍ଟର-୧୦, ସିଡିଏ, କଟକ
ଦୂରଭାଷ : ୮୭୬୩୧୦୭୧୨୬


# ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ

**।। ଗୋପାଳ ମହାପାତ୍ର ।।**

ଏବେ ଶୀତଋତୁର ଶେଷ ସମୟ ପହଞ୍ଚିଛି । ପ୍ରତିବର୍ଷ ଋତୁ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ସମସ୍ତେ ଏକ ପ୍ରକାର ନିଜ ଅସୁସ୍ଥତାକୁ ଗ୍ରହଣ କରିଥାନ୍ତି କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ପାଣିପାଗ ବଦଳିବା ସମୟରେ ସ୍ୱାଭାବିକ ଭାବେ ଦେହ ଖରାପ ହୁଏ । ତେବେ ବର୍ତ୍ତମାନର ପ୍ରାୟତଃ ଘରେ ଘରେ ଦେଖାଯାଉଥିବା ଜ୍ୱରକୁ ନେଇ ଅନେକଙ୍କ ଭିତରେ ବିଭିନ୍ନ ଆଲୋଚନା ଓ ଭୟ ଦେଖାଦେଉଛି । ପ୍ରତିଦିନ ଅନେକଙ୍କ ଠାରୁ ଏ ନେଇ ଅଭିଯୋଗ ଆମେ ପାଉଛୁ । ଏହା ନିଃସନ୍ଦେହ । ସାରା ଓଡ଼ିଶା ଏବେ ଜ୍ୱରରେ ଥରୁଛି । ଇନଫ୍ଲୁଏଞ୍ଜା (ଏଚ୍୩ଏନ୨) ରେସ୍ପିରେଟୋରି ସିନସିଟିଆଲ ଭାଇରସ (ଆରଏସଭି) ଓ ହ୍ୟୁମାନ ପାରାଇନଫ୍ଲୁଏଞ୍ଜା ଭାଇରସ (ଏଚପିଆଇଭି) ରାଜ୍ୟକୁ ଗତ ଏକମାସ ହେବ କବଳିତ କରି ରଖିଛି । ଏହା ସାଙ୍ଗକୁ ସ୍ୱାଇନ ଫ୍ଲୁ ମଧ ଚିନ୍ତା ବଢ଼ାଇଛି । ଘରେ ଘରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ଅନେକ ଏହାକୁ କୋଭିଡ଼ ଭାବି ଦ୍ୱନ୍ଦ୍ୱରେ ପଡୁଛନ୍ତି । ମାତ୍ର ଏହା କୋଭିଡ଼ ନୁହେଁ ବରଂ ଭାଇରାଲ ଫିଭର । ଏହାସହ ଯେଉଁମାନେ ଏହି ଭୂତାଣୁ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ଶରୀରରେ ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଥିବା ଦେଖିବାକୁ ମିଳୁଛି ।

ଋତୁ ପରିବର୍ତ୍ତନ ଫଳରେ ସାଧାରଣତଃ ଭୂତାଣୁଜନିତ ସଂକ୍ରମଣ ବଢ଼ିଥାଏ । ବିଶେଷକରି ଗ୍ରୀଷ୍ମ ଓ ଶୀତ ଋତୁରେ ଅଧିକ ସଂଖ୍ୟାରେ ଲୋକମାନେ ଥଣ୍ଡା, ଜ୍ୱରରେ ଆକ୍ରାନ୍ତ ହୋଇଥାନ୍ତି । ତେବେ ଗତ ଦୁଇ ବର୍ଷ ହେବ କୋଭିଡ଼ ମହାମାରୀ ବ୍ୟାପିଥିବାରୁ ଭାଇରାଲ ଫିଭର ଉପରେ ସେତେଟା ଗୁରୁତ୍ୱ ନଥିଲା । କୋଭିଡ଼ ଥମିବା ପରେ ଚଳିତବର୍ଷ ଭାଇରାଲ ଫିଭର ବଢ଼ିବାରେ ଲାଗିଛି । ପରିବାରରେ ଜଣେ ଏଥିରେ ଆକ୍ରାନ୍ତ ହେଲେ ଅନ୍ୟମାନେ ଜ୍ୱରରେ ପଡୁଛନ୍ତି । ବୟସ୍କମାନେ ଧଇଁସଇଁ ହୋଇ ପଡୁଛନ୍ତି । ତଥାପି ଆସନ୍ତା କିଛି ଦିନ ପର୍ଯ୍ୟନ୍ତ ଏଥିରୁ ନିସ୍ତାର ମିଳି ନପାରେ ।

ଚଳିତ ବର୍ଷ ଅଧିକ ସଂଖ୍ୟାରେ ରୋଗୀ ଇନଫ୍ଲୁଏଞ୍ଜା-ଏ (ଏଚ୩ଏନ୨)ରେ ଆକ୍ରାନ୍ତ ହେଉଥିବା ନଜରକୁ ଆସୁଛି । ଏହାସହ ଅନ୍ୟ ଭୂତାଣୁରେ ମଧ ଲୋକମାନେ କେତେକାଂଶରେ ଆକ୍ରାନ୍ତ ହେଉଛନ୍ତି । ଲୋକମାନଙ୍କ ଶରୀରରେ ପ୍ରବଳ ଜ୍ୱର ସହିତ ନିଶ୍ୱାସ ପ୍ରଶ୍ୱାସରେ ସମସ୍ୟା ହେଉଛି । ଦୀର୍ଘଦିନ ପର୍ଯ୍ୟନ୍ତ କାଶ ଲାଗି ରହୁଛି । ଏହା କେବଳ ଓଡ଼ିଶାର ସମସ୍ୟା ନୁହେଁ, ସାରା ଦେଶରେ ଏବେ ସମାନ ସ୍ଥିତି ଦେଖିବାକୁ ମିଳୁଛି । ପୂର୍ବରୁ ଏହା ଦେଖିବାକୁ ମିଳୁଥିଲେ ବି ଲୋକମାନେ ନିଜର ପରୀକ୍ଷା କରୁନଥିଲେ । ମାତ୍ର କୋଭିଡ଼ ପରେ ଲୋକମାନେ ଅଧିକ ସଚେତନ ହୋଇଛନ୍ତି, ଯାହାଫଳରେ ଏସବୁ ଭୂତାଣୁ ଚିହ୍ନଟ ହେଉଛି । ଇନଫ୍ଲୁଏଞ୍ଜାରୁ ନିଜକୁ ରକ୍ଷା କରିବାକୁ ହେଲେ ଟିକା ନେବା ଜରୁରୀ । ଛୋଟ ପିଲା ଓ ବୟସ୍କ ବ୍ୟକ୍ତିମାନଙ୍କୁ ଇନଫ୍ଲୁଏଞ୍ଜା ଟିକା ଦିଆଯିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଦେଶରେ ନଭେମ୍ବର ସୁଦ୍ଧା ଇନଫ୍ଲୁଏଞ୍ଜାର ୧୨,୮୮୧ ମାମଲା ଆସିଛି । ଯେଉଁମାନଙ୍କ ଠାରେ ଅକ୍ସିଜେନସ୍ତର ହ୍ରାସ ପାଉଛି ସେମାନେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ।

ଋତୁ ପରିବର୍ତ୍ତନ ସମୟରେ ଏଭଳି ଥଣ୍ଡା, ଜ୍ୱର ଦେଖିବାକୁ ମିଳିଥାଏ । ଔଷଧ ଖାଇଲେ କମି ଯାଉଛି । ମାତ୍ର କୋଭିଡ଼ ସହିତ ଏହାର ସଂପର୍କ ନାହିଁ । ରାଜ୍ୟରେ ଟିକାକରଣ ବେଶ ଭଲ ଥିବାବେଳେ କୋଭିଡ଼ରେ ଆକ୍ରାନ୍ତ ହୋଇଥିବା କାରଣରୁ ଲୋକଙ୍କ ଠାରେ ରୋଗ ପ୍ରତିରୋଧ ଶକ୍ତି ଅଧିକ ରହିଛି । ତେବେ ଟାଣ ଖରା ଆରମ୍ଭ ହେଲେ ଥଣ୍ଡା, ଜ୍ୱର କମିଯିବ । ଆସନ୍ତା ୭/୧୦ ଦିନ ପରେ ଏଥିରୁ ନିସ୍ତାର ମିଳିବ । ଅପରପକ୍ଷରେ ରାଜ୍ୟରେ ଇନଫ୍ଲୁଏଞ୍ଜା ବାଦ ସ୍ୱାଇନ ଫ୍ଲୁ ଆକ୍ରାନ୍ତଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଛି । ୨୦୨୨ ଡିସେମ୍ବର ସୁଦ୍ଧା ରାଜ୍ୟରେ ୧୪୨ ଜଣ ଏଥିରେ ଆକ୍ରାନ୍ତ ହୋଇଛନ୍ତି । ମାତ୍ର କେହି ପ୍ରାଣ ହରାଇ ନାହାନ୍ତି । ଋତୁ ପରିବର୍ତ୍ତନ ହେଲେ ଭାଇରାଲ ଫିଭର ବଢ଼ିଥାଏ । ତେଣୁ ଯେଉଁମାନଙ୍କର ଥଣ୍ଡା, ଜ୍ୱର ହେଉଛି ସେମାନେ ପାରାସିଟାମଲ ଖାଆନ୍ତୁ । ଏସବୁ କୋଭିଡ଼ ନୁହେଁ । ରାଜ୍ୟରେ କୋଭିଡ଼ ଆକ୍ରାନ୍ତଙ୍କ ସଂଖ୍ୟା ହାତଗଣତି ରହିଛି । ରାଜ୍ୟରେ ଇନଫ୍ଲୁଏଞ୍ଜାର ପରୀକ୍ଷା ପାଇଁ ସୁବିଧା ରହିଛି । ଏହାସହ ନମୁନା ପରୀକ୍ଷା ସଂଖ୍ୟା ବଢୁଥିବାରୁ ସ୍ୱାଇନ ଫ୍ଲୁ ଆକ୍ରାନ୍ତ ଚିହ୍ନଟ ହେଉଛନ୍ତି । ବର୍ତ୍ତମାନର ଭାଇରାଲ ଫିଭରକୁ ନେଇ ଭୟଭୀତ ହୁଅନ୍ତୁ ନାହିଁ । କାରଣ ପ୍ରାୟ ପ୍ରତି ଘରେ ଏପରି ସମସ୍ୟା ଦେଖାଦେଉଛି । ଯଦିଓ ଦିନକୁ ଦିନ ତାପମାତ୍ରା ବଢୁଛି କିନ୍ତୁ ଥଣ୍ଡାର ମାତ୍ରା ଅଧିକ ରହୁଥିବାରୁ ଏହା ଜ୍ୱର ସମସ୍ୟାକୁ ବଢ଼ାଇ ଦେଉଛି । ଏ କ୍ଷେତ୍ରରେ ତୁରନ୍ତ କୌଣସି ଘରୋଇ ଚିକିତ୍ସା କରିବା ଅପେକ୍ଷା ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ । ଥଣ୍ଡାରେ ବାହାରକୁ ବାହାରନ୍ତୁ ନାହିଁ, ବିଶୁଦ୍ଧ ଉଷୁମ ପାଣି ପିଅନ୍ତୁ, ବାହାର ଖାଦ୍ୟ ଓ ବର୍ତ୍ତମାନ ପାଇଁ ଆମିଷ ଖାଦ୍ୟ ନଖାଇବା ଭଲ । ଜ୍ୱର ଅଧିକ ଦିନ ଲାଗିରହୁଥିଲେ ପରୀକ୍ଷା କରାଇ ନିଅନ୍ତୁ । ନିଜର ବ୍ୟବହାର କରୁଥିବା ପୋଷାକ ପତ୍ରକୁ ଗରମ ପାଣିରେ ସଫା କରନ୍ତୁ ଏବଂ ଉପଯୁକ୍ତ ଡାକ୍ତରୀ ପରାମର୍ଶରେ ରହିଲେ ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରହିବ ।


ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,
ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର


# ମହାତ୍ମାଙ୍କ ଶେଷ ଦିନ ଓ ପରମପିତା

**।। ଉମେଶ ଚନ୍ଦ୍ର ପାତ୍ର ।।**

ବିନା ମେଘରେ ବଜ୍ରପାତ ଭଳି ମହାତ୍ମାଜୀଙ୍କର ମୃତ୍ୟୁ ସମ୍ବାଦରେ ପରମପିତା ଓ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଅତ୍ୟନ୍ତ ଉଦବିଗ୍ନ, ବିଷର୍ଣ୍ଣ ଓ ଭାରାକ୍ରାନ୍ତ ହୋଇପଡ଼ିଲେ । ସ୍ୱତଃବ୍ୟକ୍ତ କଲେ – କି ଯେ କାଣ୍ଡ ଘଟିଲା, ଜାତି, ଧର୍ମ, ବର୍ଣ୍ଣ ଓ ଦଳ ନିର୍ବିଶେଷରେ ସମସ୍ତେ ଅନ୍ତରର ସହିତ ଶ୍ରଦ୍ଧା କରୁଥିବା ଜଣେ ବ୍ୟକ୍ତିଙ୍କୁ ଆଜି ଆଉ ଦେଖିବାକୁ ମିଳିବନାହିଁ । ଭିନ୍ନ ମତାବଲମ୍ବୀ ଲୋକମାନେ ମଧ ମହାତ୍ମାଜୀଙ୍କୁ ଆନ୍ତରିକ ଭାବେ ଶ୍ରଦ୍ଧା କରୁଥିଲେ । ଯେଉଁ କ୍ଷତି ହୋଇଗଲା ତାହାର ଆଉ ତୁଳନା ନାହିଁ, ଅପୂରଣୀୟ । ମହାତ୍ମାଜୀଙ୍କର ଦେଶ ପ୍ରତି ଏତେ ଅବଦାନ – ଆଉ ତାର କଣ ଏହି ପ୍ରତିଦାନ ? ଏହା ଅତ୍ୟନ୍ତ ବେଦନା ଦାୟକ । ଦୁଃଖରେ ମ୍ରିୟମାଣ ହୋଇ ଛଳ ଛଳ ନେତ୍ରରେ ଶ୍ରୀ ଶ୍ରୀ ଠାକୁର ସ୍ୱଗତୋକ୍ତି ପ୍ରକାଶ କରି କହିଲେ – ଯେଉଁମାନେ ମହାତ୍ମାଙ୍କୁ ମୃତ୍ୟୁବିଦ୍ଧ କରିଛନ୍ତି, ସେମାନେ ସତ୍ତାନୁରାଗୀ ସମସ୍ତଙ୍କ ହୃଦୟକୁ ବିଦ୍ଧ କରିଛନ୍ତି, ବିଦୀର୍ଣ୍ଣ କରି ଉଠାଇଛନ୍ତି । ହେ ମହାତାପସ, ତୁମର ଆଶୀର୍ବାଦ ଯେପରି ସମସ୍ତଙ୍କର ଅନ୍ତର୍ନିହିତ ଅମଙ୍ଗଳକୁ ଚିରଦିନ ପାଇଁ ଅବଲୁପ୍ତ କରି ତୋଳୁ । ହେ ଦୟାଳ ପରମପିତଃ ! ମନୁଷ୍ୟର ଏହି ଆବେଦନକୁ ତୁମେ ମଙ୍ଗଳପୂର୍ଣ୍ଣ କରିତୋଳ । (୧.୨.୧୯୪୮, ଅପରାହ୍ନ ୩ଘ,) ମହାତ୍ମାଜୀ ଯାହା ସତ୍ୟ ବୁଝୁଥିଲେ ତାହା ନିଜ ଜୀବନରେ କଠୋର ଭାବରେ ପାଳନ କରୁଥିଲେ । ସମଗ୍ର ପରିବେଶକୁ ସେହି ପଥରେ ଚଳାଇବା ନିମିତ୍ତ ଚେଷ୍ଟା କରୁଥିଲେ । କାୟମନୋବାକ୍ୟରେ ଏକମୁଖୀ ଚଳନର 'ଳ ସ୍ୱରୂପ ତାଙ୍କର ବ୍ୟକ୍ତିତ୍ୱ ଓ ଇଚ୍ଛାଶକ୍ତି ଏତେ ପ୍ରବଳ ହୋଇଥିଲା ଯେ ସମଗ୍ର ଦେଶକୁ ତାଙ୍କ ପରି ଜାଗ୍ରତ କରି ଉଠାଇଥିଲେ । ମହାତ୍ମାଙ୍କର ଆବେଷ୍ଟନୀ ଶକ୍ତ ହୋଇଥିଲେ ଏହିପରି ଭାବରେ ତାଙ୍କର ଜୀବନ ଯାଇ ନଥାନ୍ତା । ମହାତ୍ମାଜୀ ଯେପରି ଭାବରେ ମୃତ୍ୟୁବରଣ କଲେ, ଆମେ ଏତେ ଲୋକ ତାଙ୍କୁ ଭଲ ପାଉ, ଅଥଚ ପୂର୍ବରୁ ସାବଧାନ ପାଇବା ସତ୍ତ୍ୱେ ମଧ ନିଜ ଦାୟିତ୍ୱରେ ତାଙ୍କୁ ରକ୍ଷା କରିବାର ବ୍ୟବସ୍ଥା କଲୁନାହିଁ, ଏହା ଆମର ଭଲ ପାଇବା ପକ୍ଷେ ଘୋର ଅପମାନ ଓ ଅତ୍ୟନ୍ତ ସନ୍ଦେହଜନକ । ମରନା, ମାରନା, ଯଦିପାର ମୃତ୍ୟୁକୁ ଅବଲୁପ୍ତ କର, ଏହା ହିଁ ପରମପିତା ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଆହ୍ୱାନ ।

ଏହି ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର ମତବ୍ୟକ୍ତ କରିଛନ୍ତି, ଯୀଶୁଖ୍ରୀଷ୍ଟଙ୍କର ଆବେଷ୍ଟନୀ ଥିଲା ଦୁର୍ବଳ, ମୋର ମନେହୁଏ – ଇଚ୍ଛା କରିଥିଲେ ଶିଷ୍ୟ ପିଟର ହିଁ ପ୍ରଭୁଙ୍କର ଜୀବନ ରକ୍ଷା କରି ପାରିଥାନ୍ତା । ଜୁଡ଼ାସ୍ ମାତ୍ର ତିରିଶ ଖଣ୍ଡ ମୁଦ୍ରା ବିନିମୟରେ ପ୍ରଭୁ ଯୀଶୁଙ୍କୁ ଧରାଇ ଦେଇଥିଲା । ପ୍ରଭୁ ଯୀଶୁଙ୍କର ପ୍ରାଣଦାନ ପାଇଁ ତତ୍କାଳୀନ ନିଷ୍ଠୁର ସମାଜ ଓ ରାଷ୍ଟ୍ର ବ୍ୟବସ୍ଥା ଏବଂ ତାଙ୍କର ଶିଷ୍ୟବର୍ଗଙ୍କର ଉଦାସୀନ ଓ ଅଦୂରଦର୍ଶୀତା ହିଁ ଦାୟୀ । ତାଙ୍କର ଶିଷ୍ୟବର୍ଗ ଯଦି ଆହୁରି ଅନୁରକ୍ତ, ଶକ୍ତିମାନ ଓ ସୁକୌଶଳୀ ହୋଇଥାନ୍ତେ ତାହାହେଲେ ଏହି ଦାରୁଣ ମୃତ୍ୟୁକୁ ଏଡ଼ାଇ ହୋଇଥାନ୍ତା । କ୍ରୁଶବିଦ୍ଧ ହେବା କଦାପି ଭାଗବତ ବିଧାନ ନୁହେଁ । ମର୍ଯ୍ୟାଦାପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କର ପାର୍ଷଦମାନେ ଅତ୍ୟନ୍ତ ଶକ୍ତିଶାଳୀ ଥିଲେ, ପରମବୀର ହନୁମାନ ସଦାସର୍ବଦା ଶ୍ରୀରାମଙ୍କୁ ଜଗି ରହୁଥିଲେ । ମହମ୍ମଦ ରସୁଲଙ୍କର ଆବେଷ୍ଟନୀ ମଧ ଖୁବ୍ ଶକ୍ତ ଥିଲା । ରସୁଲ୍ଙ୍କ ପାଖରେ ଆଲି, ଓମର, ଓସ୍‌ମାନ ଓ ଆବୁବକର୍ ସଦାସର୍ବଦା ଜଗି ରହୁଥିଲେ । ଶ୍ରୀରାମଚନ୍ଦ୍ର ଓ ରସୁଲ୍ ତାଙ୍କର ଶିଷ୍ୟ ବର୍ଗଙ୍କୁ କେତେ ଅନୁରୋଧ କରୁଥିଲେ ଶତ୍ରୁମାନଙ୍କର ପ୍ରତିଶୋଧ ନ ନେବା ପାଇଁ, କିନ୍ତୁ ତାଙ୍କର ଶିଷ୍ୟମାନେ କହୁଥିଲେ, ତୁମର ଜୀବନ ହାନି ଯାହା ଘଟାଏ ତାହା ଆମେ ବରଦାସ୍ତ କରି ପାରିବୁ ନାହିଁ, ସେ ଆଦେଶ ଆମେ ପାଳନ କରିପାରିବୁ ନାହିଁ । ଏହା ହିଁ ହେଉଛି ଭଲ ପାଇବାର ତେଜୋଦୀପ୍ତ ଉଦାହରଣ । ମାନବ ଜାତି ପ୍ରତି ଶ୍ରୀ ଶ୍ରୀ ଠାକୁର ଆହ୍ୱାନ ଦେଲେ – ଧର୍ମ କେବେହେଲେ ବହୁ ହୁଏନା, ଧର୍ମ ଏକ, ଆଉ ତାର କୌଣସି ପ୍ରକାର ନାହିଁ । ମତ ବହୁତ ହୋଇପାରେ, ଏପରିକି ଯେତେ ମଣିଷ ସେତେ ମତ ହୋଇପାରେ, କିନ୍ତୁ ତାହାବୋଲି ଧର୍ମ ବହୁତ ହୋଇପାରେ ନାହିଁ । ହିନ୍ଦୁ ଧର୍ମ, ମୁସଲମାନ ଧର୍ମ, ଖ୍ରୀଷ୍ଟିଆନ ଧର୍ମ, ବୌଦ୍ଧଧର୍ମ ଇତ୍ୟାଦି ମୋ ମତରେ ଭୁଲ, ବରଂ ସେ ଗୁଡ଼ିକ ସବୁ ମତ । କୌଣସି ମତ ସହିତ କୌଣସି ମତର ପ୍ରକୃତପକ୍ଷରେ କୌଣସି ବିରୋଧ ନାହିଁ, ଭାବର ବିଭିନ୍ନତା, ପ୍ରକାର ଭେଦ, ଗୋଟିଏକୁ ନାନା ପ୍ରକାରରେ ଏକ ରୂପେ ଅନୁଭବ । ବହୁ ସମ୍ପ୍ରଦାୟ ଥାଉ କିନ୍ତୁ ସାମ୍ପ୍ରଦାୟିକତାର ବିଲୁପ୍ତି ହେଉ, ଧର୍ମ ରକ୍ଷା ହେଉ କିନ୍ତୁ ଧର୍ମାନ୍ତରୀକରଣ ଲୁପ୍ତ ହେଉ, ସ୍ୱର୍ଗ ବିସର୍ଗ ନହେଉ, ଏକ ସ୍ୱରରେ ସମସ୍ତେ ଗାଇ ଉଠିବା – " "ମା ମ୍ରିୟସ୍ୱ ମା ଯହି ଶକ୍ୟତେ ଚେତ୍ ମୃତ୍ୟୁଂ ଅବଲୋପୟ'' ।


ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭

## ଉତ୍କଳ ସାହିତ୍ୟ ପରିଷଦ କୋଷାଗୁମୁଡ଼ା ବ୍ଲକର ସ୍ୱନକ୍ଷତ୍ର ଉତ୍ସବ ୨୦୨୫



ନବରଙ୍ଗପୁର(ମହାଭାରତ) : ଉତ୍କଳ ସାହିତ୍ୟ ପରିଷଦ କୋଷାଗୁମୁଡ଼ା ନବରଙ୍ଗପୁରର ସ୍ୱନକ୍ଷତ୍ର ଉତ୍ସବ ୨୦୨୫ ଏବଂ ଶ୍ରୀ ତୁଳସୀ ପତ୍ରିକା ର ଶୁଭ ଉନ୍ମୋଚନ ର ଏକ ଜିଲ୍ଲା ସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ସାହିତ୍ୟିକ କୈଳାଶ ଚନ୍ଦ୍ର ନାୟକ ସଭାପତିତ୍ୱ କରିଥିବା ବେଳେ ବରେଣ୍ୟ ଅତିଥିଭାବେ ସାହିତ୍ୟିକ ପ୍ରଫୁଲ୍ଲ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ପବିତ୍ର କୁମାର ହାଲଦାର, ବିଜୟ କୁମାର ପଟ୍ଟନାୟକ, ସାହିତ୍ୟିକ ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ବିଜୟ କୁମାର ଚୌଧୁରୀ, ଓଡିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସାରସ୍ୱତ ସ୍ରଷ୍ଟା ସ୍ୱରଚିତ କବିତା ଗୁଡିକ ପାଠ କରିଥିଲେ । ଏହି କବିତା ପାଠ କାର୍ଯ୍ୟକ୍ରମକୁ ସାହିତ୍ୟିକ ଶୁଭେନ୍ଦୁ କୁମାର ଦାସ ଏବଂ ଶ୍ରୀମତୀ ସ୍ୱର୍ଣ୍ଣଲତା ପଟ୍ଟନାୟକ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶ୍ରୀମତୀ ଅମିତା ରାୟ ଯୋଗଦେଇ ସମାଜ ପରିବର୍ତ୍ତନରେ ସାହିତ୍ୟ ର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଏହି ପରିପ୍ରେକ୍ଷୀରେ କବୟତ୍ରୀ ବାସନ୍ତୀ ଲତା ଜେନାଙ୍କ ରଚିତ କବିତା ସଙ୍କଳନ ସ୍ମୃତି ଜହ୍ନ ଏବଂ ଉତ୍କଳ ସାହିତ୍ୟ ପରିଷଦ କୋଷାଗୁମୁଡ଼ାର ସପ୍ତଦଶ ସଂସ୍କରଣ ଶ୍ରୀ ତୁଳସୀ ପତ୍ରିକା ର ଶୁଭ ଉନ୍ମୋଚନ ହୋଇଥିଲା । ସେହିଭଳି ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ 'ଆମ ଭାଷା ଓ ଆମ ଅସ୍ମିତା' ବିଷୟରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ଅଧିବେଶନରେ ବରେଣ୍ୟ ସାହିତ୍ୟିକ ରମେଶ ଚନ୍ଦ୍ର ପଟ୍ଟନାୟକ ସଭାପତିତ୍ୱ କରିଥିଲେ ଏବଂ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାହିତ୍ୟିକ ନାରାୟଣ ପଣ୍ଡା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ବଲ୍ଲଭ ରାଉତ ଉପସ୍ଥିତ ଥିଲେ । ବରେଣ୍ୟ ଅତିଥିଭାବେ କୋଷାଗୁମୁଡ଼ା ପଞ୍ଚାୟତ ସମିତି ର ଉପାଧ୍ୟକ୍ଷ ଯୋଗେନ୍ଦ୍ର ସ୍ୱାଇଁ, ସାହିତ୍ୟିକ ଦୁର୍ଗା ପାଢି ଉପସ୍ଥିତ ଥିଲେ । ପୁରା କାର୍ଯ୍ୟକ୍ରମରେ ସାମିଲ ଥିବା ସମସ୍ତ ସାରସ୍ୱତ ସ୍ରଷ୍ଟା ଙ୍କୁ ବରିଷ୍ଠ ସାହିତ୍ୟିକ ତଥା ଶ୍ରୀ ତୁଳସୀ ପତ୍ରିକାର ସମ୍ପାଦକ ସହଦେବ ପରିଡା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ ସାହିତ୍ୟିକ ସାଗର କୁମାର ପରିଡା, ଅତିଥି ପରିଚୟ ପ୍ରଦାନ କରିଥିଲେ । ସନ୍ତୋଷ କୁମାର ସାହୁ ଏବଂ ସମାଜସେବୀ ନାଟ୍ୟକାର କୈଳାଶ ଚନ୍ଦ୍ର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମଟିକୁ ଆନ୍ତରିକତା ସହ ସହଯୋଗ କରିଥିଲେ ସରକାରୀ ଉଚ୍ଚତର ନୋଡାଲ ଉଚ୍ଚ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପାଢୋଲା ।

## ଧାମନପୁର ରେ ମହାଭାରତ ମହାପାରାୟଣ ଯଜ୍ଞ ଆରମ୍ଭ

ଗୋଲାମୁଣ୍ଡା (ମହାଭାରତ) କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଧାମନପୁର ଠାରେ ଏକ ମାସ ଧରି ଚାଲିବାକୁ ଥିବା ମହାଭାରତ ମହାପାରାୟଣ ଯଜ୍ଞ ଆଜି ଆରମ୍ଭ ଆରମ୍ଭ ହୋଇଯାଇଛି । ଏଥିପାଇଁ ଗତକାଲି କଳସ ଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ସ୍ୱର୍ଗତ ଶ୍ୟାମଘନ ସାହୁଙ୍କ ଅଭିଳାଷ ପୁରଣାର୍ଥେ ଏହି ମହାଭାରତ ମହାପାରାୟଣ ଯଜ୍ଞ ଧ୍ରୁବ ଚରଣ ସାହୁ, ପ୍ରହ୍ଲାଦ ସାହୁ ଓ ଜନ୍ମେଜୟ ସାହୁଙ୍କ ନେତୃତ୍ୱରେ ତଥା ଧାମନପୁର ଗ୍ରାମବାସୀଙ୍କ ସହଯୋଗ କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ବ୍ୟାସାସନେ ଅଜିତ କୁମାର ପଣ୍ଡା, ବ୍ରାହ୍ମାସନେ ଗଣେଷ ମୁଣ୍ଡ ଓ ଆଚାର୍ଯ୍ୟାସନେ ସନ୍ତୋଷ କୁମାର ମିଶ୍ର ଦାୟିତ୍ୱ ତୁଲାଉଛନ୍ତି ।

## ନୂଆଗାଁ ପ୍ରିମିୟର ଲିଗ ୨୦୨୫ ନିଲାମ ପ୍ରକ୍ରିୟା ଅନୁଷ୍ଠିତ



ନୂଆଗାଁ (ମହାଭାରତ ) :ନୂଆଗାଁ ବ୍ଲକ ସଦରମହକୁମାରେ ଥିବା ବିରୁପାକ୍ଷେଶ୍ୱର ମନ୍ଦିର ନିକଟସ୍ଥ କଲ୍ୟାଣୀ ମଣ୍ଡପ ଠାରେ ଫ୍ରେଣ୍ଡସ ଇଲେଭେନ୍ କ୍ରିକେଟ କ୍ଲବ୍ ନୂଆଗାଁ ଆନୁକୂଲ୍ୟରେ ୫ମ ସଂସ୍କରଣ ନୂଆଗାଁ ପ୍ରିମିୟର ଲିଗ ୨୦୨୫ ନିମନ୍ତେ ଖେଳାଳି ମାନଙ୍କୁ ଚୟନ କରାଯାଇ ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ଟି ଦଳ ଭାଗ ନେଇଥିଲେ ଯଥା : ପଞ୍ଚଶଖା କୃଷକ କ୍ଲବ୍ (ଭଗବାନ ପ୍ରଧାନ), ପ୍ରଧାନ ସାନିଟାରୀ ୱାରିଅର୍ସ (ସୁଜି ପ୍ରଧାନ), ପ୍ରତିଷ୍ଠା ୱାରିଅର୍ସ ,(ବିକ୍ରମ ନାୟକ) ଏବଂ ପିସିସି ୱାରିଅର୍ସର (ପ୍ରବୀର ନାୟକ) ମାଲିକ ମାନେ ନିଲାମ ପ୍ରକ୍ରିୟାରେ ସାମିଲ ହୋଇ ଖେଳାଳି ମାନକୁ କିଣିଥିଲେ। ନିଲାମ ପ୍ରକ୍ରିୟାରେ ନୂଆଗାଁ ବ୍ଲକର ୨୨ଗୋଟି ପଞ୍ଚାୟତ ରୁ ୧୧୦ଜଣ ଖେଳାଳି ନାମ ପଞ୍ଜିକରଣ କରିଥିବା ବେଳେ ସେଥିମଧ୍ୟରୁ ୭୨ ଜଣ ଖେଳାଳି ନିଲାମ ହୋଇଥିଲେ। ପ୍ରତ୍ୟେକ ଦଳ ମାଲିକ ମାନେ ୫ହଜାର ଟଙ୍କାରେ ୮ଜଣ ସ୍ଥାନୀୟ ଖେଳାଳି ଓ ବାହ୍ୟ ପଞ୍ଚାୟତରୁ ୭ ଜଣ ଖେଳାଳିଙ୍କୁ ମୋଟ ୧୫ ଜଣ ଖେଳାଳି କିଣିବା ପାଇଁ ନିୟମ ରହିଥିଲା।ଏହି ନିଲାମ ପ୍ରକ୍ରିୟାକୁ ଅଞ୍ଚଳର ସମାଜସେବୀ ଶଙ୍କର୍ଷଣ ବେହେରା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଫ୍ରେଣ୍ଡସ ଇଲେଭେନ କ୍ରିକେଟ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଚଳିତ ମାସ ୧୮ ତାରିଖରୁ ମେ ୪ ତାରିଖ ପର୍ଯ୍ୟନ୍ତ ଖେଳ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଅଶୋକ କୁମାର ନାୟକ ସୂଚନା ଦେଇଛନ୍ତ।

## ବାଲାଜୀ ମନ୍ଦିର ବାର୍ଷିକ ଉତ୍ସବରେ ଯୋଗ ଦେଲେ ରାଜ୍ୟପାଳ

ଜଟଣୀ(ମହାଭାରତ): ଜଟଣୀ ଆକାଉଣ୍ଟସ ରେଲୱେ କଲୋନୀରେ ଥିବା ବାଲାଜୀ ମନ୍ଦିର ବା ତିରୁପତି ମନ୍ଦିରର ବାର୍ଷିକ ଉତ୍ସବରେ ଯୋଗ ଦେଲେ ଓଡିଶାର ମାନ୍ୟବର ମହାମହିମ ରାଜ୍ୟପାଳ ଡଃ ହରିବାବୁ କମ୍ଭମପତି ଓ ନିଜ ଧର୍ମପତ୍ନୀଙ୍କ ସହିତ ମନ୍ଦିର ପରିଦର୍ଶନ କରି ବାଲାଜୀ ଭଗବାନଙ୍କ ପାଖରେ ପୂଜାର୍ଚ୍ଚନା କରିଥିଲେ ଓ ଏହି ଅବସରରେ ରାଧା କୃଷ୍ଣଙ୍କ ନୂତନ ମୂର୍ତ୍ତୀ ସହିତ ବହୁ ଲୋକାଭିମୁଖୀ



କାର୍ଯ୍ୟ ଗୁଡିକୁ ସେ ଉଦ୍ଘାଟନ କରିଥିଲେ ଓ ବାଲାଜୀ ପ୍ରଭୁଙ୍କ ଦର୍ଶନ କରିବା ସହ ରାଜ୍ୟପାଳ ଶ୍ରଦ୍ଧାଳୁ ଙ୍କ ସହ କିଛି ସମୟ ଭାବର ଆଦାନ ପ୍ରଦାନ କରିଥିଲେ। ରାଜ୍ୟପାଳ ବାର୍ଷିକ ଉତ୍ସବରେ ଯୋଗ ଦେଇ ଜଟଣୀର ଏହିଭଳି ବାଲାଜୀ ମନ୍ଦିର ଦେଖି ବେଶ ଖୁସି ଅନୁଭବ କରିଥିଲେ,ଏହା ସହ ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି ପାଇଁ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ।ଏହି ଅବସରରେ ବାଲାଜୀ ମନ୍ଦିର ଟ୍ରଷ୍ଟ ପକ୍ଷରୁ ମହାମହିମ ରାଜ୍ୟପାଳଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହ ସେମାନଙ୍କ ଅନୁରୋଧକୁ ରକ୍ଷା କରି ବାର୍ଷିକ ଉତ୍ସବରେ ଯୋଗ ଦେଇଥିବାରୁ ଟ୍ରଷ୍ଟ ପକ୍ଷରୁ ତାଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ନବରଙ୍ଗ ପୁର ଠାରେ ଓଡିଆ ପକ୍ଷ ପାଳନ ଅବସରରେ ଆମ ରୁଚି ଆମ ଖାଦ୍ୟ

ନବରଙ୍ଗପୁର(ମହାଭାରତ):ଆଜି ସ୍ଥାନୀୟ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପରିସରରେ ଓଡିଆ ପକ୍ଷ ପାଳନ ଅବସରରେ ଆମ ରୁଚି ଆମ ଖାଦ୍ୟ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସଭା କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ) ବିଶ୍ୱଜିତ ବର୍ମନ୍ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ । ଆମ ରୁଚି ଆମ ଖାଦ୍ୟ ଓଡ଼ିଆ ଘରର ପାରମ୍ପରିକ ରନ୍ଧା ଖାଦ୍ୟ ଯାହା ସ୍ୱାସ୍ଥ୍ୟ ପାଇଁ ହିତକର ଏବଂ ଆମ ବହୁ କାଳରୁ ଖାଇଆସୁଛୁ ଏବଂ ଧୀରେ ଧୀରେ ହାଣ୍ଡି ଶାଳ ରୁ ଉଭାନ ହୋଇଯାଉଛି ତାକୁ ଆମେ ପୁନର୍ବାର ଆଦୃତ କରାଇବା ଓ ଏହାର ବିଶେଷ ପ୍ରଚାର, ପ୍ରସାର କରିବା ଏହି କାର୍ଯ୍ୟକ୍ରମ ମୁଖ୍ୟ ଉଦ୍ଦେଶ୍ୟଯମ□ରେ ସି ଡି ଏ ଓ ପି ଭି ରମଣ ରାଓ,ସି ଡି ଭି ଓ ଡ ରାଧେଶ୍ୟାମ ଲାଇକ, ଡି ଏସ ଏସ ଓ ସୁଧାଂଶୁ ପାତ୍ର, ଡି ଏସ ଡ ବ୍ଲୁ ଓ ଦ୍ରୌପଦୀ କହଁର, ଡି ଆଇ ପି ଆର୍ ଓ ମନୋଜ କୁମାର ବେହେରା, ତହସିଲଦାର କୈଳାଶ ତ୍ରିପାଠୀ, ଡି ସି ଓ ଘାଷିଆ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ବ୍ୟକ୍ତିଗତ ପ୍ରଦର୍ଶନକାରୀ ଭାବେ ଆମିଷ ଖାଦ୍ୟ ୧୧ ଟି ଷ୍ଟଲ୍ ଏବଂ ନିରାମିଷ ୧୩ ଟି ଷ୍ଟଲ୍ ମାଧ୍ୟମରେ ଖାଦ୍ୟ ପ୍ରସ୍ତୁତ କରି ବିଚାରକ ମଣ୍ଡଳୀକୁ ବୁଝାଇଥିଲେ ଏବଂ ବିଚାରକ ପ୍ରତ୍ୟେକ ଷ୍ଟଲ୍ ପରିଦର୍ଶନ କରି ମାର୍କ ଦେଇ ବିଚାର ରଖିଥିଲେ। ନିରାମିଷ ଓ ଆମିଷ ଖାଦ୍ୟରେ ଚକୁଳି ,ଚନ୍ଦ୍ରକାନ୍ତି, ମାଣ୍ଡିଆ ଜାଉ , କାଙ୍ଗୁ ଖିରି,ମଣ୍ଡା, କାନ୍ଦୁଲ ସିଝା, କାକରା ପିଠା, ଆରିସା ପିଠା,ହାଣ୍ଡି ମାଂସ, କଙ୍କଡା ଏଭଳି ବହୁ ପାରମ୍ପରିକ ରନ୍ଧା ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା।ଏହି ରନ୍ଧା ଖାଦ୍ୟ ନିରାମିଷ ପ୍ରତିଯୋଗିତାରେ ନନ୍ଦାହାଣ୍ଡି ର ମା ସରସ୍ୱତୀ ଏସ ଏଚ ଜି ପ୍ରଥମ , ତେନ୍ତୁଳିଖୁଣ୍ଟି ର ମା ମାଣିକେଶ୍ୱରୀ ଏସ ଏଚ ଜି ଦ୍ୱିତୀୟ ଏବଂ ସ୍ମିତା ନାୟକ ତୃତୀୟ ପୁରସ୍କାର ଏବଂ ଆମିଷ ଖାଦ୍ୟ ରେ ହେମରାଜ ଦଣ୍ଡସେନା ପ୍ରଥମ, ଅମ୍ରିତା ଭୂଷଣ ଦ୍ୱିତୀୟ,ପାର୍ବତୀ ନାୟକ ତୃତୀୟ ପୁରସ୍କାର ଲାଭ କରିଥିଲେ।ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ଅତିଥିଗଣ ସାର୍ଟିଫିକେଟ ପ୍ରଦାନ କରିଥିଲେ। ଜିଲ୍ଲା ସଂସ୍କୃତି ବିଭାଗ ଏବଂ ସମାଜ କଲ୍ୟାଣ ବିଭାଗ ର କର୍ମଚାରୀ କାର୍ଯ୍ୟକ୍ରମ ର ସଫଳ ରୂପାୟନ ରେ ସହଯୋଗ କରିଥିଲେ।

## ଓଡ଼ିଶା ପକ୍ଷ ପାଳନ ଅବସରରେ ଆମ ରୁଚି ଆମ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ

ଗଜପତି(ମହାଭାରତ): ଓଡ଼ିଶା ପକ୍ଷ ପାଳନ ତ୍ରୟଦଶ ଦିବସ ଅବସରରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ ସ୍ଥାନୀୟ ଜିଲ୍ଲା ପଞ୍ଚାୟତ ସମ୍ବଳ କେନ୍ଦ୍ର ଠାରେ ଆମ ରୁଚି ଆମ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଶ୍ରୀଯୁକ୍ତ ଶଙ୍କର କେରକେଟା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ,ସମ୍ମାନିତ ଅତିଥି ଭାବରେ ଶ୍ରୀଯୁକ୍ତ ଟିମନ ବାରା, ଡିପିଏମ ଓଏଲଏମ ଗଜପତି, ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ଜିଲ୍ଲା ସଂସ୍କୃତି ଅଧିକାରୀ ଗଜପତି ଶ୍ରୀମତୀ ନମିତା ମହାରଣା, ସିଡ଼ିପିଓ ଗୋସାଣୀ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗଜପତି ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ।

## ଜାତୀୟସ୍ତରରେ ଓଡ଼ିଶାର ଖେଳାଳୀଙ୍କୁ ସୁଯୋଗ ଦେବାକୁ ଓସିଏର ଉଦ୍ୟମ ଭେଟରାନ କ୍ରିକେଟର ଭି ଭେଙ୍କଟରାମ ଦେଲେ ଗୁରୁମନ୍ତ୍ର

ଖୋର୍ଦ୍ଧା, (ମହାଭାରତ) : ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ଏବଂ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ୍ ଆସୋସିଏସନର ମିଳିତ ଉଦ୍ୟମରେ ଖୋର୍ଦ୍ଧା ବି.ଜେ.ବି ହାଇସ୍କୁଲ ସ୍ଥିତ ମିନି ଷ୍ଟାଡିୟମରେ ଦୁଇଦିନ ଧରି ଗ୍ରୀଷ୍ମ କାଳୀନ କ୍ରିକେଟ୍ ପ୍ରଶିକ୍ଷଣ ଶିବିର ଗତ ଶନିବାର ଦିନ ଉଦଘାଟିତ ହୋଇ ଯାଇଛି। ଆୟୋଜିତ ଏହି ଶିବିରରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ବିଭିନ୍ନ ବୟସ ବର୍ଗର ଶତାଧିକ କ୍ରିକେଟ୍ ଖେଳାଳି ଯୋଗ ଦେଇଥିଲେ। ଓଡ଼ିଶା କ୍ରିକେଟ୍ ଏକାଡେମୀର ବୈଷୟିକ ନିର୍ଦ୍ଦେଶକ ତଥା ଭେଟରାନ କ୍ରିକେଟର ଭି ଭେଙ୍କଟରାମଙ୍କ ସହିତ କୋଚ୍ ଏମ.ଭି. ପ୍ରସାଦ ଏବଂ ପ୍ରଭାତ ନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କର ବିଭିନ୍ନ




ତ୍ରୁଟିକୁ ସୁଧାରିବା ଏବଂ ଭବିଷ୍ୟତରେ କିପରି ନିଜକୁ ଆହୁରି ଶାଣିତ କରିବା ସେ ନେଇ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଖୋର୍ଦ୍ଧା ଜିଲ୍ଲା କ୍ରିକେଟ ଆସୋସିଏସନର ସଭାପତି ତଥା ପୂର୍ବତନ ବିଧାୟକ ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେଭେଙ୍କଟ ରାମଙ୍କୁ ମାନପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିବା ସହିତ ଅନ୍ୟ ଅତିଥିମାନଙ୍କୁ ଜିଲ୍ଲା କ୍ରିକେଟ ଆସୋସିଏସନର କର୍ମକର୍ତ୍ତା ପକ୍ଷରୁ ପୁଷ୍ପଗୁଚ୍ଛ ଏବଂ ଉ□ରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭେଙ୍କଟରାମ ତାଙ୍କ ଅଭିଭାଷଣରେ ଖେଳାଳି ମାନଙ୍କୁ , ଧୈର୍ଯ୍ୟ, ଆତ୍ମବିଶ୍ୱାସ ସହିତ ସମୟାନୁବର୍ତ୍ତିତା ଏଂ ଉତ୍ତମ ବ୍ୟବହାର ସାଙ୍ଗକୁ ନିୟମିତ ଅଭ୍ୟାସ ଜଣେ ଖେଳାଳିଙ୍କୁ ଆଗକୁ ବଢ଼ିବାରେ ସାହାଯ୍ୟ କରିବ ବୋଲି ପରାମର୍ଶ ଦେଇଥିଲେ। ଦୁଇ ଦିନ ଧରି ଆୟୋଜିତ ଏହି ପ୍ରଶିକ୍ଷଣ ଶିବିରରେ କ୍ରିକେଟ ଖେଳାଳିମାନେ ବହୁସଂଖ୍ୟାରେ ଯୋଗଦେଇ ଭେଙ୍କଟରାମଙ୍କ ପରି କ୍ରିକେଟ୍ ପ୍ରଶିକ୍ଷକଙ୍କ ଠାରୁ ପରାମର୍ଶ ନେବାପାଇଁ ସଭାପତି ଶ୍ରୀ ସାହୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ଓ.ସି.ଏ କୋଷାଧ୍ୟକ୍ଷ ତଥା ଜିଲ୍ଲା କ୍ରିକେଟ ଆସୋସିଏସନ୍ ସମ୍ପାଦକ ବିକାଶ ପ୍ରଧାନ ଖେଳାଳି ମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଜିଲ୍ଲା କ୍ରିକେଟ ସଂଘ ଦ୍ୱାରା ପ୍ରଦାନ କରା ଯାଉଥିବା କଥା କହିଥିବା ବେଳେ କର୍ମକର୍ତ୍ତା ବିଭାବସୁ ମହାନ୍ତି ଯୋଗ୍ୟ ବିବେଚିତ ଖେଳାଳୀ ମାନଙ୍କୁ ମାନପତ୍ର ପ୍ରଦାନ କରିଥିଲେ ଏବଂ ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା କ୍ରିକେଟ ଆସୋସିଏସନର ଯୁଗ୍ମ ସମ୍ପାଦକ କାଜଲ ବଳିୟାରସିଂହଙ୍କ ସହିତ କିରଣ ଶତପଥୀ, ବ୍ରିଜେଶ ପ୍ରଧାନ,ସୁଧୀର ସାହୁ, କ୍ରିକେଟ୍ କୋଚ୍ ସୌମେନ୍ଦ୍ର ମହାନ୍ତି, ରୋହିତ ରାୟ ଏବଂ ଅବ୍ୟକ୍ତ ହରିହର ଖାଡଙ୍ଗା ଉପସ୍ଥିତ ଥିଲେ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ପୁଣି ମାତିଲେ ଦଲାଲ, ରୋଗୀଙ୍କ ସମ୍ପର୍କୀୟଙ୍କ ଠାରୁ ନେଇଗଲେ ଦଶ ହଜାର

ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ଭରସା କରନ୍ତି ୬ ଜିଲ୍ଲାୟ ଏଠାରେ ଉତ୍ତମ ଚିକିତ୍ସା ପାଇଁ ଭରସା କରି ରୋଗୀ ଧାଇଁ ଆସିଥାନ୍ତି । କିନ୍ତୁ ରୋଗୀ ଆଡମିଶନ ହେବା ବେଳେ ରୋଗୀଙ୍କ ସମ୍ପର୍କୀୟ ମାନଙ୍କ ଉପରେ ନଜର ରଖିଥାନ୍ତି ଦଲାଲୟ ଆଜି ଏ ଭଳି ଏକ ଘଟଣା ସାମ୍ନା କୁ ଆସିଛି । ଦଲାଲଙ୍କ ହାବୁଡରେ ପଡି ୧୦ ହାଜର ଟଙ୍କା ହରାଇଛନ୍ତି ରୋଗୀଙ୍କ ସମ୍ପର୍କୀୟ। ଘଟଣାଟି ସମ୍ପୂର୍ଣ୍ଣ ହେଉଛି ଢେଙ୍କାନାଳ ଜିଲ୍ଲା ମୋଟଙ୍ଗା ଥାନା ନିମିଧା ଗ୍ରାମର ମଧୁ ସିଂ ଙ୍କ ସ୍ତ୍ରୀ ଜାନକୀ ସିଂ (୪୦) ଜଣେ ପାରାଲିସିସ୍ ରୋଗୀୟ ଜାନକୀ ଙ୍କର ରକ୍ତ ଅଭାବ ଥିବାରୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସକାଳୁ ବିଗିଡି ଯାଇଥିଲା। ଯାହା ଫଳରେ ଜାନକୀଙ୍କ ସ୍ୱାମୀ ଏବଂ ଝିଅ ଆଜି ଦିନ ୧୦ ଘଟିକା ବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେ ଭର୍ତି କରିଥିଲେ। ଜାନକୀଙ୍କର ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ୪ ମହଲାର ମହିଳା ବିଭାଗର ୩ ନମ୍ବର ବେଡରେ ଆଡମିଶନ କରାଯାଇଥିଲା। ସେହି ସମୟଠାରୁ ଏକ ଦଲାଲ ନଜର ରଖିଥିଲା। ପ୍ରଥମ ଦଲାଲ ଜଣଙ୍କ ଜାନକୀଙ୍କ ଝିଅକୁ ତଳକୁ ଡାକିଥିଲା। ଜାନକୀଙ୍କ ଝିଅ ତଳକୁ ଆସିଲା ପରେ ଦଲାଲ ଜଣ ଙ୍କ ମୁଁ ତମ ସରପ□ଙ୍କ ଭଣଜା ହେବି ବୋଲି ପରିଚୟ ଦେଇଥିଲା। ତମ ମା ଙ୍କ ଚିକିତ୍ସା ପାଇଁ ୧୦ ହାଜର ଟଙ୍କା ଲାଗିବ ଆଉ ୧୦ ହାଜର ଦେଲା ପରେ ଚିକିତ୍ସାଳୟରୁ ଘରକୁ ଗଲେ ୫୦ ହଜାର ଟଙ୍କା ପାଇବ। ଏ ବିଷୟରେ କଥା ହେବା ପାଇଁ ତମ ବାପା ଙ୍କୁ ଡାକ ବୋଲି କହିଥିଲା ଦଲାଲ। ଜାନକୀ ଙ୍କ ଝିଅ ବାପା ନାହାନ୍ତି କହିଥିଲେ। ଆଉ କିଏ ଆସିଛି ବୋଲି ପଚାରିଲା ଦଲାଲୟ ଝିଅ କହିଲେ କି ମୋ ସାଙ୍ଗ ଆସିଛ। ତା ହେଲେ ସାଙ୍ଗ କୁ ଡାକଯେ, ଏ ବିଷୟରେ କଥା ହେବି ବୋଲି କହିଲା ଦଲାଲୟ ଝିଅ ସାଙ୍ଗ ଜଣଙ୍କୁ ଡାକି ଥିଲେ। ଚିକିତ୍ସା ପାଇଁ ୧୦ ହାଜର କହି ଥିଲା ଦଲାଲ। ସମୟ ଅପରାହ୍ନ ୪ ଘଟିକା ବେଳେ ମଧୁ ଆସି ରକ୍ତ ଭଣ୍ଡାର ନିକଟରେ ଥିବା ଆମ୍ବ ଗଛ ମୂଳେ ଦଲାଲ ଜଣଙ୍କୁ ମଧୁ ୧୦ ହାଜର ଦେଇଥିଲେ। ୧୦ ହଜାର ପାଇଲା ପରେ ମୁଁ କାଗଜ ପତ୍ର ଧରି କରି ଆସୁଛି କହି ଦଲାଲ ପଳାଇ ଥିଲା। ସେହି ଆମ୍ବ ଗଛ ମୂଳେ ମଧୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ଏବଂ ଜାଣିବାକୁ ପାଇଲେ ଯେ ସେ ଠକେଇର ଶିକାର ହୋଇଛନ୍ତି। କେହି ଜଣେ ଦଲାଲ ଟଙ୍କା ଠକି ନେଇ ଗଲାୟ ମଧୁ କାନମୁଣ୍ଡା ଆଉଁସି ଚିକିତ୍ସାଳୟରେ ଥିବା ଫାଣ୍ଡି ରେ ଏ ବିଷୟରେ କହିଲେ।ଏ ବିଷୟରେ ଲିଖିତ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେବ ବୋଲି ଫାଣ୍ଡି ଅଧିକାରୀ କହିଥିଲେ। ଦିନକୁ ଦିନ ଦଲାଲ ଙ୍କ ସଂଖ୍ୟା ବୃଦ୍ଧି ପାଉଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରେୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ଙ୍କ ଅବହେଳା ପାଇଁ ରୋଗୀଙ୍କ ସମ୍ପର୍କୀୟ ହେଉଛନ୍ତି ହନ୍ତସନ୍ତୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ନ ଦେଲେ ପରିସ୍ଥିତି ଭୟାନକ ହେବ ବୋଲି ଚର୍ଚ୍ଚା ହେଉଛି। ଚିକିତ୍ସାଳୟ ପରିସରରେ ଦଲାଲ ମାତି ଥିବା ଅଭିଯୋଗ ପାଇବା ପରେ କଣ ପଦକ୍ଷେପ ମାନ ଗ୍ରହଣ କରିଛି ଦେଖିବାକୁ ବାକି ରହିଲା।

## କୁନ୍ଦୁରା ବ୍ଲକ ର ୩ ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଞ୍ଚଳ ରେ ଆୟୁଷ୍ମାନ ଭାରତ କାର୍ଡ ଓ ଗୋପବନ୍ଧୁ ଆରଗ୍ୟ କାର୍ଡ ବଣ୍ଟନ ଶୁଭାରମ୍ଭ

କୁନ୍ଦୁରା( ମହାଭାରତ )-କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ର ୩ ଟି ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଦିଗାପୁର, ଆସନା ଓ ବାଗଦରୀ ଅଞ୍ଚଳରେ ରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ କାର୍ଡ ଓ ଗୋପବନ୍ଧୁ ଆରଗ୍ୟ କାର୍ଡ ବଣ୍ଟନ ର ଶୁଭାରମ୍ଭ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କୁନ୍ଦୁରା ବିଡ଼ିଓ କପିଳେଶ୍ୱର ତାଣ୍ଡି ଙ୍କ ତତ୍ୱାବଧାନ କ୍ରମେ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଗଣେଶ ପ୍ରସାଦ ଦାସ ଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା କ୍ଷ ବାଗଦେରୀ ପଞ୍ଚାୟତ ରେ ରହିଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କୁ କୁନ୍ଦୁରା ବ୍ଲକ ଚେୟାରମ୍ୟାନ ରାଜେଶ୍ୱରୀ ପରଜା ଯାଇ ପହଞ୍ଚି ଥିଲେ କିନ୍ତୁ ନିର୍ଦ୍ଧାରିତ ସମୟ ପୂର୍ବରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଥିବା ଦେଖି ଅପମାନିତ ମନେ କରି ବ୍ଲକ ଅଧକ୍ଷା ସେଠାରୁ ଫେରି ଆସିଥିଲେ । ସେହିଭଳି ଆସନା ସ୍ୱାସ୍ଥ୍ୟ କେନ୍ଦ୍ର ରେ ବ୍ଲକ ଉପାଧକ୍ଷ ତରୁଣୀସେନ ବିଷୋୟୀ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ବିଜେପି କାର୍ଯ୍ୟକର୍ତ୍ତା ମଞ୍ଚାସିନ ହୋଇ କାର୍ଯ୍ୟ ତୁଲାଇ ଥିଲେ । ଦିଗାପୁର ପଞ୍ଚାୟତ ରେ ଦିଗାପୁର ସରପୋ□ ନୀଳା ନାୟକ ଅତିଥି ଭାବେ ରହିଥିବା ସହ ବିଜେପି କର୍ମି ମାନେ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲାପରିଷଦ ସଦସ୍ୟ, ସରପୋ□, ସମିତି ସଭ୍ୟ, ଆଶା କର୍ମି, ଅଙ୍ଗନବାଡି କର୍ମି ଓ ଏମବିକେ, ସି ଆର ପି ମାନେ ଉପସ୍ଥିତି ରହିଥିଲେ । ପ୍ରଥମେ ଦୂରଦର୍ଶନ ପରଦା ମାଧ୍ୟମରେ କଟକ ବାଲିଯାତ୍ରା ପଡିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମ ରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡା ଓ ମୁଖ୍ୟମନ୍ତ୍ରୀ ମହାନ ମାଝୀ ଙ୍କ ଦ୍ୱାରା ଶୁଭ ଉଦ୍ଘାଟନ କାର୍ଯ୍ୟକ୍ରମ ସମସ୍ତେ ସିଧାପ୍ରସାରଣ ଦେଖିଥିଲେ ତାପରେ ମଞ୍ଚାସିନ ଅତିଥି ଙ୍କ ଦ୍ୱାରା ଆୟୁଷ୍ମାନ କାର୍ଡ ର ଡେମୋ କିଛି ଲୋକଙ୍କୁ ବ□ନ କରାଯାଇଥିଲା । ଦିଗାପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଞ୍ଚଳ ରେ ହୋଇଥିବା କାର୍ଯ୍ୟକ୍ରମ ରେ ୪ ଟି ପଞ୍ଚାୟତ ଦିଗାପୁର ଘୁମର, ମସିଗାଁ ଓ ବଣ୍ଡୁଆଗୁଡା ପଞ୍ଚାୟତ ବାସୀ ଯୋଗ ଦେଇଥିବା ବେଳେ ଆୟୁଷ୍ମାନ ଡେମୋ କାର୍ଡ କେବଳ ଘୁମର ପଞ୍ଚାୟତ ର କିଛି ଲୋକଙ୍କୁ ମଞ୍ଚରେ ବଣ୍ଟନ କରାଯାଇଥିବା ଦେଖି ଦିଗାପୁର, ମସିଗାଁ ଓ ବଣ୍ଡୁଆଗୁଡା ପଞ୍ଚାୟତ ର ଲୋକ ଅସନ୍ତୋଷ ପ୍ରକାଶ କରି ହଟଗୋଳ କରିଥିଲେ । ଯଦି ଗୋଟେ ପଞ୍ଚାୟତ ର ଲୋକଙ୍କୁ ଦେବାର ଥିଲା ତେବେ ୪ ଟି ପଞ୍ଚାୟତ ର ଲୋକଙ୍କୁ ଡାକି କାହିଁକି ଏତେ ସମୟ ବସା ଗଲା, ପ୍ରଶାସନ ଠିକ ଭାବେ କାର୍ଯ୍ୟକ୍ରମ ତୁଲାଇ ପାରୁନାହାନ୍ତି ଯଦି ଏହି ଭଳି କାର୍ଯ୍ୟକ୍ରମ କାହିଁକି କରୁଛନ୍ତି ବୋଲି ଲୋକ ଅସନ୍ତୋଷ ବ୍ୟକ୍ତି କରିଥିଲେ । ଏହାକୁ ନେଇ କୁନ୍ଦୁରା ବିଡ଼ିଓ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦାୟୀ କରିବା ସହ ଫୋନ ଯୋଗେ ତାଗିଦ କରିଥିବା ଦେଖିବାକୁ ମିଳିଥିଲା । ପରେ ନିଜେ ବିଡ଼ିଓ ଆସନ୍ତା ୧୪ ତାରିଖ ଠାରୁ ସ୍ୱାସ୍ଥ୍ୟ କର୍ମି ମାନେ ପ୍ରତେକ ଘର ଘର ବୁଲି ଏହି ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିବେ ବୋଲି ଉପସ୍ଥିତ ସାଧାରଣ ଲୋକଙ୍କୁ କହିଥିଲେ।

## ଏଟିଏମ କାର୍ଡ ବଦଳାଇ ପଚିଶ ହଜାର ଟଙ୍କା ଲୁଟ, ଥାନାରେ ଅଭିଯୋଗ

ଦାନଗଦୀ :( ମହାଭାରତ)ଦାନଗଦୀ ଷ୍ଟେଟ ବ୍ୟାଙ୍କ ଏଟିଏମ ରେ ଜଣେ ଯୁବକଙ୍କୁ ସାହାଯ୍ୟ କରିବା ବାହାନାରେ ଚଞ୍ଚକତା କରି କାର୍ଡ ବଦଳାଇ ପଚିଶ ହଜାର ଟଙ୍କା ଲୁଟି ନେଇଥିବା ଦାନଗଦି ଫାଣ୍ଡିରେ ଅଭିଯୋଗ ହୋଇଛି, ଖବର ମତେ କଳିଙ୍ଗନଗର ଥାନା ଅନ୍ତର୍ଗତ କଇଥା ଗାଁର ବଳରାମ ବାରିକଙ୍କ ପୁଅ ଶ୍ରୀକାନ୍ତ ବାରିକ (୨୯) ଗତ ୧୦ ତାରିଖ ଅପରାହ୍ନ ସମୟରେ ଦାନଗଦିରେ ଥିବା ତାଙ୍କ ଭଉଣୀ ଘରକୁ ଆସିଥିଲେ, ଅପରାହ୍ନ ୫ ଟା ସମୟରେ ଷ୍ଟେଟ ବ୍ୟାଙ୍କରେ ଥିବା ଏଟିଏମ କାଉ□ରରେ ଟଙ୍କା ଉଠାଇବା ପାଇଁ ଯାଇ ତାଙ୍କର କାର୍ଡ ଟିକୁ ଭର୍ତ୍ତୀ କରିଥିବା ସମୟରେ ଟଙ୍କା ଉଠିବାରେ ବିଳମ୍ବ ହୋଇଥିଲା, ସେହି ଏଟିଏମରେ ତାଙ୍କ ପଛରେ ଠିଆ ହୋଇଥିବା ଜଣେ ଯୁବକ ପାଖାପାଖି ତିରିଶ ବର୍ଷ ବୟସ ପତଳା ଗୋରା ରଙ୍ଗର କହିଥିଲେ ଭାଇ କଣ ହୋଇଛି ଦେଖିବା, କହି ତାଙ୍କ କାର୍ଡଟିକୁ ଆଣି ସାହାଯ୍ୟ କରିବା ବାହାନାରେ ଏଟିଏମ ରେ ଭର୍ତ୍ତୀ କରି କହିଲେ ତମର ଟଙ୍କା ନାହିଁ, ତାପରେ ତରବରିଆ ଭାବେ କାର୍ଡ ଟିକୁ ଦେଇଦେଲେ ଚମ୍ପଟ ମାରିଥିଲେ,ତାପରେ ଶ୍ରୀକାନ୍ତ ପାଖରେ ଥିବା ୟୁକୋ ବ୍ୟାଙ୍କକୁ ଜମାଟଙ୍କା ଚେକ କରିବା ପାଇଁ ଗଲାବେଳକୁ ପା□ ମିନିଟ ଭିତରେ ଦେଖିଲା ବେଳକୁ ସେ ଯୁବକ ନାହିଁ,ଏବଂ କାର୍ଡ ଟିକୁ ଦେଖିଲା ବେଳେକୁ ସେ କାର୍ଡ ଟି ବଦଳ ହୋଇଯାଇଛି, କାର୍ଡର ରଙ୍ଗ ସମାନ କିନ୍ତୁ ସେ କାର୍ଡ ଉପରେ ରବୀନ୍ଦ୍ର ଆଚାର୍ଯ୍ୟ ବୋଲି ନାଁ ଲେଖା ଯାଇଛି, ଆକାଉ□ ବ୍ଲକ କରିବା ସମୟ ଭିତରେ ସେ ଦେଖିଲେ ୟୁକୋ ବ୍ୟାଙ୍କ ଆକାଉ□ରୁ ପା□ ଥରରେ ପଚିଶ ହଜାର ଉଠିଯାଇଛି , ଏ ଠକେଇ ପରେ ସି. ସି. ଟି ଭି ଫୁଟେଜ ବାହାର କରି ଦାନଗଦି ଫାଣ୍ଡିରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି ଅଭିଯୋଗକାରୀ ଶ୍ରୀକାନ୍ତ ବାରିକ।

## ସ୍କାଉଟ ଗାଇଡ଼ ମାନଙ୍କ ଦ୍ୱାରା ମେରୁ ଯାତ୍ରାରେ ପଣା ବ□ନ ସହ ସେବା ଶିବିର ଅନୁଷ୍ଠିତ

ଆସିକା(ମହାଭାରତ):ସ୍କାଉଟ ଗାଇଡ଼ ମାନଙ୍କ ଦ୍ୱାରା ପଣା ବଣ୍ଟନ ସହ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଭାରତ ସ୍କାଉଟ ଗାଇଡ଼ ମୁଖ୍ୟ କମିଶନର ଡ଼ କାଳୀ ପ୍ରସାଦ ମିଶ୍ର ଙ୍କ ନିର୍ଦ୍ଦେଶ ଓ ଗଞ୍ଜାମ ଜିଲ୍ଲା ସମ୍ପାଦକ ଭାଗିରଥି ସ୍ୱାଇଁ ଙ୍କ ପ୍ରଚେଷ୍ଟା କ୍ରମେ ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ସ୍କାଉଟ ମାଷ୍ଟର କମଳେନ୍ଦୁ ହୋତା ଓ ଗାଇଡ଼ କ୍ୟାପଟେନ କାଦମ୍ବିନୀ ହୋତା ଓ ଲୀନାକୁମାରୀ ସ୍ୱାଇଁଙ୍କ ସଂଯୋଜନା ରେ ଆସିକା ସୁନାମ୍ବ ସାହି ସ୍ଥିତ ମାଆ ଦଣ୍ଡକାଳୀ ମନ୍ଦିରରେ ବିଦ୍ୟାମନ୍ଦିରର ସ୍କାଉଟ ଓ ଗାଇଡ଼ ମାନଙ୍କ ଦ୍ୱାରା ସେବା କାର୍ଯ୍ୟକ୍ରମ ସହିତ ପଣା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କାଉଟ ଗାଇଡ଼ ମାନେ ମନ୍ଦିର ମଧ୍ୟରେ ଭକ୍ତ ମାନଙ୍କୁ ଧାଡି ବାନ୍ଧି ଯିବା ଆସିବା କରାଇବା ସହ ବୃଦ୍ଧବୃଦ୍ଧା ମାନଙ୍କୁ ହାତଧରି ଦର୍ଶନ କରାଇଥିଲେ। ପରେ ପରେ ବାଟୋଇ ଏବଂ ଭକ୍ତ ମାନଙ୍କ ସକାଶେ ନବାତ ପଣା ସହ ଦହି ଚଲ୍ହା ମଧ ବଣ୍ଟନ କରିଥିଲେ। ସ୍କାଉଟ ଗାଇଡ଼ ମାନଙ୍କ ଏହିଭଳି କାର୍ଯ୍ୟକୁ ଅଞ୍ଚଳ ବାସୀ ତଥା ବୁଦ୍ଧିଜୀବୀ ଶିକ୍ଷାବିତ ମାନେ ପ୍ରଶଂସା କରିଥିଲେ।

# ଇରାନରେ ପାକିସ୍ତାନୀଙ୍କୁ ଗୁଳିମାଡ



ନୂଆଦିଲ୍ଲୀ: ଇରାନର ସିସ୍ତାନ-ବେଲୁଚିସ୍ତାନ ପ୍ରାନ୍ତରେ ପାକିସ୍ତାନ ଶ୍ରମିକଙ୍କୁ ହତ୍ୟା । ବେଲୁଚି ବିଦ୍ରୋହୀମାନେ ୮ଜଣ ଶ୍ରମିକଙ୍କୁ ହତ୍ୟା କରିଛନ୍ତି । ପାକିସ୍ତାନ ଖବର କାଗଜ 'ଦି ଡନ୍' ଆନୁଯାୟୀ, ଶନିବାର ଏହି ଘଟଣା ଘଟିଛି । ମେହରିସ୍ତାନ ଜିଲ୍ଲାର ଏକ ଗାଁରେ ଶ୍ରମିକମାନେ ରାତିରେ ଶୋଇଥିବା ବେଳେ ବେଲୁଚି ବିଦ୍ରୋହୀମାନେ ସେମାନଙ୍କୁ ହତ୍ୟା କରିଥିବା ଜଣାପଡ଼ିଛି ।

ଇରାନରେ ପାକିସ୍ତାନୀ ନାଗରିକଙ୍କ ହତ୍ୟା ନେଇ ଇରାନର ଜଣେ ଅଧିକାରୀ ସ୍ୱଷ୍ଟ କରିଛନ୍ତି । ସମସ୍ତ ମୃତକ ପାକିସ୍ତାନ ପଞ୍ଜାବ ପ୍ରାନ୍ତର ବହାବଲପୁରର ବାସିନ୍ଦା । ଏକ କାର୍ ମରାମତି ହେଉଥିବା ୱାର୍କଶପ୍ ?ରେ କାର୍ଯ୍ୟ କରୁଥିଲେ । ସେମାନଙ୍କୁ ବେଲୁଚି ବିଦ୍ରୋହୀମାନେ ହତ୍ୟା କରିଛନ୍ତି ।

ମିଡିଆ ରିପୋର୍ଟ ମୁତାବକ, ଅଜ୍ଞାତ ଆତତାୟୀ ମାନେ ଶନିବାର ରାତିରେ ୱାର୍କଶପରେ ପ୍ରବେଶ କରି ଶ୍ରମିକଙ୍କ ହାତ-ଗୋଡ଼ ବାନ୍ଧି ଦେଇଥିଲେ । ଏହା ପରେ ଆଖିବୁଜା ଗୁଳିମାଡ଼ କରି ହତ୍ୟା କରିଥିଲେ । ଏଥିରେ ୮ଜଣ ପ୍ରାଣ ହରାଇଛନ୍ତି । ଏହି ଖବର ମିଳିବା ପରେ ଇରାନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା । ବେଲୁଚିସ୍ତାନ ନ୍ୟାଶନାଲ ଆର୍ମିର ମୁଖପାତ୍ର ଏକ ବୟାନ ଜାରି ପାକିସ୍ତାନ ନାଗରିକଙ୍କ ହତ୍ୟାକୁ ନିଜ ଉପରକୁ ନେଇଛନ୍ତି ।

# ୱାକ୍‌ଫ ସଂଶୋଧନକୁ ନେଇ ପଶ୍ଚିମବଙ୍ଗରେ ତୀବ୍ର ହିଂସା



ପଶ୍ଚିମବଙ୍ଗ : ୱାକ୍‌ଫ ସଂଶୋଧନକୁ ନେଇ ପଶ୍ଚିମବଙ୍ଗରେ ତୀବ୍ର ହିଂସା ଦେଖିବାକୁ ମିଳିଛି । ଏଥିରେ କିଛିଲୋକ ପ୍ରାଣ ହରାଇଥିବା ବେଳେ ଅନେକ ଆହତ ହୋଇଛନ୍ତି । ବିରୋଧୀ ମୁଖ୍ୟ ତଥା ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ଦାବି କରିଛନ୍ତି ଯେ, ମୁର୍ଶିଦାବାଦ ହିଂସାରେ ଅନେକ ହିନ୍ଦୁ ପଳାୟନ କରିଛନ୍ତି । ଏହି ଘଟଣାକୁ ନେଇ ସାମ୍ନାକୁ ଆସିଥିବା ଭିଡିଓରେ ଦେଖିବାକୁ ମିଳୁଛି, ଜୀବନ ବଞ୍ଚାଇବାକୁ ଲୋକମାନେ ପିଲା ଛୁଆଙ୍କୁ ଧରି ସୁରକ୍ଷା ପାଇଁ ନଦୀ ପାର ହୋଇ ମାଳଦା ଜିଲାକୁ ଚାଲିଯାଉଛନ୍ତି ।

ଶୁଭେନ୍ଦୁ କହିଛନ୍ତି, "ଧାର୍ମିକ ଭାବନାରେ ଅନ୍ଧ ଲୋକଙ୍କ ଭୟରେ ମୁର୍ଶିଦାବାଦର ଧୂଳିଆନ୍ ରୁ ୪୦୦ ରୁ ଅଧିକ ହିନ୍ଦୁ ନଦୀ ପାର ହୋଇ ପଳାଇବାକୁ ଏବଂ ଲାଲପୁର ହାଇସ୍କୁଲ, ଦେଓନାପୁର-ସୋଭାପୁର ପଂଚାୟତ, ବୈଷ୍ଣବନଗର, ମାଲଦାରେ ଆଶ୍ରୟ ନେବାକୁ ବାଧ ହୋଇଛନ୍ତି । ଟିଏମସିର ତୁଷ୍ଟିକରଣ ରାଜନୀତି ମୌଳବାଦୀ ତତ୍ତ୍ୱମାନଙ୍କୁ ଉତ୍ସାହିତ କରିଛି । ହିନ୍ଦୁମାନଙ୍କୁ ଶିକାର କରାଯାଉଛି, ଆମର ଲୋକମାନେ ନିଜ ନିଜ ଭୂମିରେ ନିଜ ଜୀବନ ପାଇଁ ଦୌଡୁଛନ୍ତି ! ଆଇନ ଶୃଙ୍ଖଳାର ଏହି ଭଙ୍ଗକୁ ଅନୁମତି ଦେବା ପାଇଁ ରାଜ୍ୟ ସରକାରଙ୍କୁ ଲଜ୍ଜା ଲାଗୁଛି । ମୁଁ ଜିଲାରେ ନିୟୋଜିତ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ, ରାଜ୍ୟ ପୋଲିସ ଏବଂ ଜିଲା ପ୍ରଶାସନକୁ ଏହି ବିସ୍ଥାପିତ ହିନ୍ଦୁମାନଙ୍କର ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରିବାକୁ ଏବଂ ଏହି ଜିହାଦୀ ଆତଙ୍କବାଦରୁ ସେମାନଙ୍କ ଜୀବନକୁ ରକ୍ଷା କରିବାକୁ ଅନୁରୋଧ କରୁଛି ।"

ଶୁକ୍ରବାର ପ୍ରାର୍ଥନା ପରେ ଆରମ୍ଭ ହୋଇଥିବା ହିଂସା ଦ୍ୱିତୀୟ ଦିନ ପର୍ଯ୍ୟନ୍ତ ଜାରି ରହିଛି । ପୋଲିସ ନିଶ୍ଚିତ କରିଛି ଯେ ସଂଘର୍ଷରେ ଅତି କମରେ ତିନି ଜଣଙ୍କର ମୃତ୍ୟୁ ହୋଇଛି । ରବିବାର, କର୍ତ୍ତୃପକ୍ଷ ରାତିସାରା ଚଢାଉ ପରେ ଆଉ ବାର ଜଣଙ୍କୁ ଗିରଫ କରିଛନ୍ତି, ଯାହା ଫଳରେ ମୋଟ ଗିରଫ ସଂଖ୍ୟା ୧୫୦କୁ ବୃଦ୍ଧି ପାଇଛି । ପୋଲିସ କହିଛି ଯେ ସୁତି, ଧୂଳିଆନ୍, ସମସେରଗଞ୍ଜ ଏବଂ ଜାଙ୍ଗିପୁର ଅଞ୍ଚଳରେ ପରିସ୍ଥିତି ଶାନ୍ତ ହୋଇଛି ।

## ବିବାହ ପ୍ରତିଶ୍ରୁତି ଦେଇ ମହିଳା ଡାକ୍ତରଙ୍କୁ ବଳାତ୍କାର

ନାଗପୁର : ମହାରାଷ୍ଟ୍ରର ନାଗପୁରରେ ମହିଳା ଡାକ୍ତରଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା ଅଭିଯୋଗରେ ଜଣେ ୩୦ ବର୍ଷୀୟ ଅଧିକାରୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଛି ପୋଲିସ । ଶୁକ୍ରବାର (ଏପ୍ରିଲ ୧୧) ୨୮ ବର୍ଷୀୟ ମହିଳା ନାଗପୁରର ଇମାମୱାଡା ପୋଲିସ ଷ୍ଟେସନରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁଯାୟୀ, ଯୁବତୀ ଜଣକ ପୋଲିସ ଅଧିକାରୀଙ୍କ ସହିତ ନଭେମ୍ବର ୨୦୨୨ ରେ ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମ ମାଧ୍ୟମରେ ସମ୍ପର୍କରେ ଆସିଥିଲେ । ଅଭିଯୁକ୍ତ ସେତେବେଳେ ୟୁନିଅନ ପବ୍ଲିକ୍ ସର୍ଭିସ କମିଶନ (ଟଚଝଉ) ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିଲେ, ଯେତେବେଳେ ମହିଳା ଜଣକ ପାଠ୍ୟକ୍ରମ କରୁଥିଲେ, ପୋଲିସ କହିଛି । ସେମାନଙ୍କର ଅନଲାଇନ୍ କଥାବାର୍ତ୍ତା ଶୀଘ୍ର ଫୋନ୍ କଲରେ ପରିଣତ ହୋଇଥିଲା । ବନ୍ଧୁ ହେବା ପରେ, ଅଭିଯୁକ୍ତ ମହିଳାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ଏବଂ ତାଙ୍କ ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ, । ତେବେ ଭାରତୀୟ ପୋଲିସ ସେବା (ଓଚଝ) ପାଇଁ ଚୟନ ହେବା ପରେ, ଅଭିଯୁକ୍ତ ଅଣଦେଖା କରିବା ଆରମ୍ଭ କରିଥିଲେ ଏବଂ ତାଙ୍କୁ ବିବାହ କରିବାକୁ ମନା କରିଥିଲେ । ପୁରୁଷଙ୍କ ପରିବାର ମଧ ମହିଳାଙ୍କ କଥାର କୌଣସି ଉତ୍ତର ଦେଇ ନଥିଲେ, ଯାହା ଫଳରେ ସେ ବାଧ ହୋଇ ଇମାମୱାଡା ପୋଲିସ ନିକଟରେ ଅଭିଯୋଗ କରିଥିଲେ । ମହିଳା ଡାକ୍ତରଙ୍କ ଅଭିଯୋଗକୁ ଆଧାର କରି ଶନିବାର ଆଇପିଏସ ଅଧିକାରୀଙ୍କ ବିରୁଦ୍ଧରେ ବଳାତ୍କାର ଅଭିଯୋଗରେ ଏକ ମାମଲା ରୁଜୁ କରାଯାଇଛି ଏବଂ ଅଧିକ ତଦନ୍ତ ଚାଲିଛି ବୋଲି ପୋଲିସ କହିଛି ।

## ଘଣ୍ଟାକରେ ୨ଥର ଥରିଲା ତାଜିକିସ୍ତାନ

ତାଜିକିସ୍ତାନ : ରବିବାର ତାଜିକିସ୍ତାନରେ ଗୋଟିଏ ଘଣ୍ଟା ମଧ୍ୟରେ ୨ଟି ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି । ଯାହା ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି । ପ୍ରଥମ ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୬.୧ ରେକର୍ଡ କରାଯାଇଥିଲା, ଯାହାକୁ ବହୁତ ଶକ୍ତିଶାଳୀ ବୋଲି କୁହାଯାଉଛି । ଭୂକମ୍ପର ଝଟ୍ ?କା ଅନୁଭୂତ ହେବା ମାତ୍ରେ ଲୋକମାନେ ଭୟଭୀତ ହୋଇ ଘରୁ ବାହାରକୁ ବାହାରି ଆସିଥିଲେ । ତଥାପି କୌଣସି ବଡ଼ କ୍ଷୟକ୍ଷତି କିମ୍ବା ଜୀବନହାନି ବିଷୟରେ ଏପର୍ଯ୍ୟନ୍ତ କୌଣସି ସୂଚନା ମିଳିନାହିଁ । ଭୂମ୍ପର କେନ୍ଦ୍ରସ୍ଥଳ ତାଜିକିସ୍ତାନର ପାର୍ବତ୍ୟାଞ୍ଚଳ ବୋଲି କୁହାଯାଉଛି । ବାରମ୍ବାର ଭୂକମ୍ପର ଝଟ୍ ?କା ଲୋକଙ୍କୁ ଚିନ୍ତାରେ ପକାଇଛି । ଶନିବାର ୧୨:୩୦ ସମୟରେ ତାଜିକିସ୍ତାନରେ ୪.୨ ତୀବ୍ରତାର ଏକ ଭୂକମ୍ପ ମଧ ଅନୁଭୂତ ହୋଇଥିଲା । ଗତକାଲି ହୋଇଥିବା ଭୂକମ୍ପର କେନ୍ଦ୍ରସ୍ଥଳ ଆଫଗାନିସ୍ତାନ-ତାଜିକିସ୍ତାନ ସୀମାରେ ଥିଲା । ଆଜିର ଭୂକମ୍ପରେ କୌଣସି ଜୀବନ କିମ୍ବା ସମ୍ପତ୍ତି କ୍ଷତିର ଖବର ନାହିଁ । ୨୪ ଘଣ୍ଟା ମଧ୍ୟରେ ଦୁଇଟି ଭୂକମ୍ପ ଯୋଗୁ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି ।

## ହିମାଚଳ ପ୍ରଦେଶରେ ମୃଦୁ ଭୂକମ୍ପ ଝଟକା

ନୂଆଦିଲ୍ଲୀ : ହିମାଚଳ ପ୍ରଦେଶରେ ଭୂକମ୍ପ ଝଟକା । ମଣ୍ଡି ଜିଲ୍ଲାର ସୁନ୍ଦରନଗର ରବିବାର (୧୩ ଏପ୍ରିଲ) ସକାଳ ପ୍ରାୟ ୯.୧୫ ସମୟରେ ମୃଦୁ ଭୂମିକମ୍ପ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଏହାର ତୀବ୍ରତା ୩.୪ ଥିଲା । ଅନୁମାନ କରାଯାଉଛି ଯେ ଭୂମିକମ୍ପର କେନ୍ଦ୍ରସ୍ଥଳ ଜୟଦେବୀ ନିକଟରେ କୌଣସି ସ୍ଥାନରେ ଥିଲା ଏବଂ ଗଭୀରତା ୫ କିଲୋମିଟର ଥିଲା । ଭୂମିକମ୍ପ ଅନୁଭୂତ ହେବା ମାତ୍ରେ ଲୋକମାନେ ଘରୁ ଏବଂ ଦୋକାନରୁ ବାହାରକୁ ଆସିବାକୁ ଲାଗିଲେ । ଜିଲ୍ଲା ପ୍ରଶାସନ ଏକ ବିବୃତ୍ତି ଜାରି କରି ଏହାକୁ ନିଶ୍ଚିତ କରିଛି । କହିବାକୁ ଗଲେ ଉତ୍ତର ଭାରତର ସୁନ୍ଦରନଗର ସହର ପୂର୍ବରୁ ଭୂମିକମ୍ପ ଦୃଷ୍ଟିରୁ ସବୁଠାରୁ ସମ୍ବେଦନଶୀଳ ଅଞ୍ଚଳ ମଧ୍ୟରୁ ଗୋଟିଏ । ଏହା ଜୋନ୍-୫ ବର୍ଗରେ ପଡ଼ିଥାଏ । ଯେଉଁଠାରେ ୫ରୁ ଅଧିକ ତୀବ୍ରତାର ଭୂମିକମ୍ପ ହୋଇପାରେ ଏବଂ ଜୀବନ ଏବଂ ସମ୍ପତ୍ତି କ୍ଷତି ହେବାର ସମ୍ଭାବନା ଥାଏ । ବର୍ତ୍ତମାନ କୌଣସି କ୍ଷତି ସମ୍ପର୍କରେ ସୂଚନା ମିଳିନାହିଁ ।

ଭୂମିକମ୍ପ ହେବା ମାତ୍ରେ ଲୋକମାନେ ଘରୁ ବାହାରକୁ ଆସିବା ଆରମ୍ଭ କଲେ । ଏହି ସମୟରେ ଆତଙ୍କର ପରିବେଶ ସୃଷ୍ଟି ହୋଇଥିଲା ଏବଂ ଲୋକମାନେ ଚିତ୍କାର କରୁଥିବାର ଦେଖାଯାଇଥିଲା । ଗତ କିଛି ଦିନ ଧରି ଭୂମିକମ୍ପର ନିରନ୍ତର ଖବର ଯୋଗୁଁ ଲୋକମାନେ ଭୟଭୀତ ।

## ବିଦେଶୀ ନାଗରିକଙ୍କୁ ବାହାରିଯିବାକୁ ଆମେରିକାର ଚେତାବନୀ



ନୂଆଦିଲ୍ଲୀ: ଆମେରିକାରେ ବିଦେଶୀ ନାଗରିକଙ୍କ ପାଇଁ ଟ୍ରମ୍ପ ସରକାର ନୂଆ ନିୟମ ଲାଗୁ କରିଛନ୍ତି । ନୂଆ ନିୟମ ଅନୁଯାୟୀ, ଆମେରିକାରେ ୩୦ ଦିନରୁ ଅଧିକ ସମୟ ରହୁଥିବା ବିଦେଶୀ ନାଗରିକଙ୍କୁ ନିଜ ନାଁ ପଞ୍ଜୀକରଣ କରିବାକୁ ପଡ଼ିବ । ଯଦି ସେମାନେ ଏମିତି ନ କରନ୍ତି ତେବେ ଜରିମାନା ଭରିବାକୁ ପଡ଼ିପାରେ କିମ୍ବା ଜେଲ୍ ଯିବାକୁ ପଡ଼ିପାରେ । ଏହା ସହିତ ସେମାନଙ୍କୁ ଦେଶରୁ ନିର୍ବାସିତ ହେବାକୁ ପଡ଼ିପାରେ ।

ହୋମଲ୍ୟାଣ୍ଡ ସିକ୍ୟୁରିଟି ବିଭାଗ ଏ ସଂପର୍କରେ ନୂଆ ଆଦେଶ ଜାରି କରିଛନ୍ତି । ଏହା ଅନୁଯାୟୀ ୩୦ ଦିନରୁ ଅଧିକ ସମୟ ଆମେରିକାରେ ରହୁଥିବା ବିଦେଶୀ ନାଗରିକଙ୍କୁ ଫେଡେରାଲ ଗଭର୍ଣ୍ଣମେଣ୍ଟ ଅନ୍ତର୍ଗତ ନିଜକୁ ରେଜିଷ୍ଟର କରିବାକୁ ପଡ଼ିବ । ଏମିତି ନ କଲେ ଉକ୍ତ ନାଗରିକ ଅପରାଧ ଶ୍ରେଣୀଭୁକ୍ତ ହେବେ । ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରଠୁ ଆମେରିକାରେ ବେଆଇନ ଭାବେ ରହୁଥିବା ଲୋକଙ୍କ ଉପରେ ସରକାର କଠୋର ଆଭିମୁଖ୍ୟ ଆପଣଉଛନ୍ତି ।

ହୋମଲ୍ୟାଣ୍ଡ ସିକ୍ୟୁରିଟି ମୁତାବକ ରାଷ୍ଟ୍ରପତି ଟ୍ରମ୍ପଙ୍କ ସ୍ୱଷ୍ଟ ସନ୍ଦେଶ ଯିଏ ବି ବେଆଇନ ଭାବେ ଆମେରିକାରେ ରହୁଛନ୍ତି, ସେମାନେ ନିଜ ଆଡୁ ଦେଶରୁ ବାହାରି ଯାଆନ୍ତୁ । ଯଦି ନୋଟିସ୍ ମିଳିବା ପରେ ବି ଆମେରିକା ଛାଡ଼ି ନାହାନ୍ତି ତେବେ ଆପଣଙ୍କୁ ପ୍ରତିଦିନ ହିସାବରେ ୯୯୮ ଡଲାର ଜରିମାନା ଦେବାକୁ ପଡ଼ିବ । ଆଉ ନିଜ ଆଡୁ ଦେଶ ନ ଛାଡ଼ିଲେ ୧୦୦୦ରୁ ୫୦୦ ମଧ୍ୟରେ ଜରିମାନା ଦେବାକୁ ପଡ଼ିବ କିମ୍ବା ଜେଲ୍ ଯିବାକୁ ପଡ଼ିପାରେ ।

ଟ୍ରମ୍ପ ସରକାରଙ୍କ ଏହି ନିଷ୍ପତ୍ତି ସିଧାସଳଖ ସେହି ଲୋକଙ୍କୁ ପ୍ରଭାବିତ କରିବ ନାହିଁ ଯେଉଁମାନେ ଐ-୧ଇ କିମ୍ବା ଛାତ୍ର ପରମିଟ୍ ପରି ଭିସାରେ ଆମେରିକାରେ ରହୁଛନ୍ତି । ଏହା ବ୍ୟତୀତ ଅନ୍ୟ ବିଦେଶୀ ନାଗରିକଙ୍କ ଉପରେ ଏହି ନିୟମ ଲାଗୁ ହେବ । ଏଚ-୧ ବି ଭିସା ଉପରେ ଯେବେ କୌଣସି ବ୍ୟକ୍ତି ଚାକିରି ହରାଉଛନ୍ତି, ମାତ୍ର ନିର୍ଦ୍ଧାରିତ ସମୟ ସୀମା ଭିତରେ ଦେଶ ଛାଡୁ ନାହାନ୍ତି ତେବେ ସେମାନଙ୍କୁ କାର୍ଯ୍ୟାନୁଷ୍ଠାନର ସାମ୍ନା କରିବାକୁ ପଡ଼ିପାରେ । ଏହି ନିୟମ ଯୋଗୁଁ ଏବେ ଛାତ୍ର ଓ ଏଚ-୧ ବି ଭିସାଧାରୀଙ୍କୁ ସମୟ ପୂର୍ବରୁ ନିଜର ଡକ୍ୟୁମେଣ୍ଟ ଅପଡେଟ୍ କରିବାକୁ ପଡ଼ିବ ।

## ୟୁକ୍ରେନ ଉପରେ ରୁଷିଆର ଭୟଙ୍କର ଆକ୍ରମଣ

କ୍ୱିଭ,୧୩।୪: ରୁଷିଆ-ୟୁକ୍ରେନ ଯୁଦ୍ଧ ପୁଣି ଥରେ ଭୟଙ୍କର ହେବାକୁ ଯାଉଛି । ରୁଷ ୟୁକ୍ରେନର ସୁମିରେ ଏକ ଭୟଙ୍କର ବାଲିଷ୍ଟିକ କ୍ଷେପଣାସ୍ତ୍ର ମାଡ଼ କରିଛି । ଫଳରେ ସୁମିରେ ବ୍ୟାପକ ଧ୍ୱଂସ ଘଟିଛି । ଏହି ଆକ୍ରମଣରେ ଅତି କମରେ ୨୧ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ରୁଷିଆ କ୍ଷେପଣାସ୍ତ୍ରଗୁଡ଼ିକ ସହରର ରାସ୍ତା, ସାଧାରଣ ଜୀବନ – ଆବାସିକ କୋଠା, ଶିକ୍ଷାନୁଷ୍ଠାନ, ରାସ୍ତାରେ ଥିବା କାରଗୁଡ଼ିକୁ ଟାର୍ଗେଟ କରିଛି । ରବିବାର ଦିନ ଲୋକମାନେ ଚର୍ଚ୍ଚକୁ ଯାଉଥିବା ସମୟରେ ଏହି ଆକ୍ରମଣ ହୋଇଥିବା ଜଣାପଡ଼ିଛି । ଏହି ଆକ୍ରମଣକୁ ରୁଷିଆ-ୟୁକ୍ରେନ ଯୁଦ୍ଧର ଏକ ନୂତନ ଅଧ୍ୟାୟ ଭାବରେ ବିବେଚନା କରାଯାଉଛି । ଏହା ପରେ ଯୁଦ୍ଧ ଅଧିକ ଭୟଙ୍କର ରୂପ ନେଇପାରେ । ପ୍ରାରମ୍ଭିକ ସୂଚନା ଅନୁଯାୟୀ, ପ୍ରାୟ ୨୧ ଜଣ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି ଏବଂ ଶହ ଶହ ଲୋକେ ଆହତ ହୋଇଛନ୍ତି । ଅଧିକାରୀମାନେ ସୂଚନା ଦେଇଛନ୍ତି ଯେ ଉଦ୍ଧାର କାର୍ଯ୍ୟ ଚାଲିଛି ଏବଂ ସମସ୍ତ ଜରୁରୀ ସେବା ଘଟଣାସ୍ଥଳରେ କାମ କରୁଛି । ୟୁକ୍ରେନ ଦ୍ୱାରା ଜାରି ବିବୃତ୍ତିରେ କୁହାଯାଇଛି ଯେ ବିଶ୍ୱକୁ କଡ଼ା ଜବାବ ଦେବା ଉଚିତ । ଆମେରିକା, ୟୁରୋପ, ବିଶ୍ୱର ପ୍ରତ୍ୟେକ ଲୋକ ଯେଉଁମାନେ ଏହି ଯୁଦ୍ଧ ଏବଂ ଏହି ହତ୍ୟାକାଣ୍ଡକୁ ସମାପ୍ତ କରିବାକୁ ଚାହାଁନ୍ତି । ରୁଷିଆ ଠିକ ଏହଭଳି ଆତଙ୍କ ଚାହୁଁଛି ଏବଂ ଏହି ଯୁଦ୍ଧକୁ ଆଗକୁ ନେଉଛି । ରୁଷିଆ ଉପରେ ଚାପ ବିନା ଶାନ୍ତି ଅସମ୍ଭବ । ଆଲୋଚନା କେବେ ବାଲିଷ୍ଟିକ କ୍ଷେପଣାସ୍ତ୍ର ଏବଂ ଆକାଶ ବୋମା ବନ୍ଦ କରିନାହିଁ । ରୁଷ ପ୍ରତି ଏପରି ମନୋଭାବର ଆବଶ୍ୟକତା ଅଛି ଯାହା ଜଣେ ଆତଙ୍କବାଦୀ ପାଇବାର ଯୋଗ୍ୟ ।

# ଟାରିଫ ବିବାଦ

# ୩% ପର୍ଯ୍ୟନ୍ତ ହ୍ରାସ ହେବ ବିଶ୍ୱ ବ୍ୟାପାର: ଜାତିସଂଘ ଶୀର୍ଷ ଅର୍ଥଶାସ୍ତ୍ରୀ



ଜେନେଭା : ଜାତି ସଂଘ ଶୀର୍ଷ ଅର୍ଥଶାସ୍ତ୍ରୀ ପାମେଲା କୋକ-ହେମିଲ୍ଟନ ଚେତାବନୀ ଦେଇଛନ୍ତି ଯେ ଆମେରିକା ଦ୍ୱାରା ଲାଗୁ ନୂଆ ଟାରିଫ ଯୋଗୁ ବିଶ୍ୱ ବାଣିଜ୍ୟରେ ୩% ପର୍ଯ୍ୟନ୍ତ ହ୍ରାସ ଦେଖା ଯାଇପାରେ । ସେହିପରି ରପ୍ତାନୀ ପାଟର୍ଣ୍ଣରେ ମଧ ବଡ଼ ପରିବର୍ତ୍ତନର ସେ ଆଶଙ୍କା କରିଛନ୍ତି । କହିଛନ୍ତି ଯେ ଏହି ପରିବର୍ତ୍ତନରେ ଚୀନ ବଜାରରୁ ଆମେରିକା ନିଜ ବ୍ୟବସାୟ ବାନ୍ଧି ଭାରତ, କାନାଡା ଅଥବା ବ୍ରାଜିଲ ଭଳି ଦେଶଙ୍କ ବଜାରକୁ ସ୍ଥାନାନ୍ତରିତ ହୋଇପାରେ ।

ଜାତିସଂଘର ଶୀର୍ଷ ଅର୍ଥଶାସ୍ତ୍ରୀ ତଥା ଅନ୍ତର୍ଜାତୀୟ ବାଣିଜ୍ୟ କେନ୍ଦ୍ର (ଆଇଟିସି)ର କାର୍ଯ୍ୟକାରୀ ନିର୍ଦ୍ଦେଶିକା ପାମେଲା କୋକ-ହେମିଲ୍ଟନ ଜେନେଭାରେ କହିଛନ୍ତି ଯେ ଏହି ଟାରିଫର ପ୍ରଭାବ ବିଶ୍ୱ ବାଣିଜ୍ୟରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଦେଖାଯିବ । ଉଦାହରଣ ରୂପେ ମେକ୍ସିକୋର ରପ୍ତାନୀ ଯାହା ଏପର୍ଯ୍ୟନ୍ତ ଆମେରିକା, ଚୀନ ଓ ୟୁରୋପ ଭଳି ବଜାର ଉପରେ ନିର୍ଭର ଥିଲା ତାହା କ୍ରମେ କାନାଡା, ବ୍ରାଜିଲ ଓ କିଛିକାଂଶରେ ଭାରତ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇପାରେ ।

ସେହିପରି ଭିଏତନାମର ରପ୍ତାନୀ ମଧ ଆମେରିକା ଚୀନ୍ ରୁ ହଟି ମଧ୍ୟପ୍ରାଚ୍ୟ, ଉତ୍ତରଆଫ୍ରିକା, ୟୁରୋପ ଓ କୋରିଆ ଭଳି ବଜାରକୁ ଯାଉଛି । ଏଥିରେ ହାମିଲ୍ଟନ କହିଛନ୍ତି ଯେ ଏପରି ଏକ ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି ଯାହା ଭାରତକୁ ଅଧିକ ଲାଭାନ୍ୱିତ କରିବ । ଏଣୁ ଭାରତ ଭଳି ଏକ ବିକାଶଶୀଳ ଦେଶ ପାଇଁ ଏହା ଏକ ସୁଯୋଗ ହୋଇପାରେ । ଫ୍ରାନସିସି ଅର୍ଥଶାସ୍ତ୍ର ଗବେଷଣା ସଂସ୍ଥା ଓ ସିଇପିଆଇଆଇଙ୍କ ପ୍ରାରମ୍ଭିକ ଅନୁମାନ ଅନୁସାରେ ଏହି ଟାରିଫ ଓ ଜବାବୀ ପଦକ୍ଷେପ ଯୋଗୁ ୨୦୪୦ ସୁଦ୍ଧା ବୈଶ୍ୱିକ ଜିଡିପିରେ ୦.୭% ପ୍ରତିଶତ ହ୍ରାସ ହୋଇପାରେ ।

ମେକ୍ସିକୋ, ଚୀନ, ଥାଇଲ୍ୟାଣ୍ଡ ଓ ଦକ୍ଷିଣ ଆଫ୍ରିକା ଭଳି ଦେଶଙ୍କ ସହିତ ଆମେରିକାକୁ ବି ଏହାର କ୍ଷତି ସହିବାକୁ ପଡିପାରେ । ଶୀର୍ଷ ଅର୍ଥଶାସ୍ତ୍ରୀ କହିଛନ୍ତି ଯେ ଭାରତ ଭଳି ବିକାଶଶୀଳ ଦେଶଙ୍କ ଲାଗି ଅନିଶ୍ଚିତତାର ଏହି ସମୟ ଲାଭଦାୟକ ହୋଇପାରେ । ହାମିଲ୍ଟନ ବସ୍ତ୍ର ଉଦ୍ୟୋଗର ଉଦାହରଣ ଦେଇ କହିଛନ୍ତି ଯେ ଏହି ଉଦ୍ୟୋଗ ବିକାଶଶୀଳ ଦେଶଙ୍କ ଲାଗି ଆର୍ଥିକ ଗତିବିଦ୍ଧି ଓ ରୋଜଗାରର ବଡ଼ ସ୍ରୋତ । ସେ କହିଛନ୍ତି ବାଂଲାଦେଶ ଆଜିବି ସାରା ବିଶ୍ୱରେ ଦ୍ୱିତୀୟ ସର୍ବ ବୃହତ୍ତ ବସ୍ତ୍ର ରପ୍ତାନୀକାରୀ ଦେଶ । ତାକୁ ୩୭% ଜବାବୀ ଟାରିଫର ସମ୍ମୁଖୀନ ହେବାକୁ ପଡିପାରେ । ଯଦି ଏହି ଟାରିଫ ଲାଗୁ ହେଲା ତେବେ ୨୦୨୯ ସୁଦ୍ଧା ବାଂଲାଦେଶକୁ ଆମେରିକା ରପ୍ତାନୀ ମହଙ୍ଗା ପଡିବ । ତାର ୩.୩ବିଲିୟନ ଡଲାରର ରପ୍ତାନୀ କ୍ଷତି ହୋଇପାରେ ।

ଚୀନ୍ କୁ ଲକ୍ଷ କରି ଲଗାଯାଇଥିବା ଟାରିଫ ଯୋଗୁ ଆପଲ ପ୍ରଥମ ଥର ଆମେରିକାରେ ଆଇଫୋନ ତିଆରି ପାଇଁ ବାଧ ହେବ । ଗତ ୧୮ ବର୍ଷ ହେଲା ସେ ଅଧିକାଂଶ ଆଇଫୋନ ଚୀନ୍‌ରେ ତିଆରି କରିଛି । ଏଣୁ କମ୍ପାନୀକୁ ନିଜ ଦେଶର ଉତ୍ପାଦକୁ ଦେଶକୁ ମଗାଇବା ପାଇଁ ୧୪୫% ଟାରିଫ ସହିତ ମଗାଇବାକୁ ପଡିବ । ଏଥିରେ ଜଟିଳ ଯୋଗାଣ ଶୃଙ୍ଖଳା ବାଧାପ୍ରାପ୍ତ ହେବା ସହ ଆପଲ ଆଇଫୋନ ମୂଲ୍ୟକୁ ୩ ଗୁଣା ଅଧିକ ବଢାଇବାକୁ ପଡିବ । ଏଣୁ ବିକ୍ରି ପ୍ରଭାବିତ ହେବ ।

ଟାରିଫ ଉପରେ ଏସିୟା ସୋସାଇଟି ପଲିସି ଇନଷ୍ଟିଚ୍ୟୁଟ ଉପାଧ୍ୟକ୍ଷ ଭେଣ୍ଡି କଟଲର କହିଛନ୍ତି ଯେ ଏହି ଯୁଦ୍ଧରେ ଚୀନ୍ ପଛକୁ ହଟିବ ନାହିଁ, ବରଂ ଦ୍ୱିପାକ୍ଷୀୟ ବ୍ୟବସାୟ ବନ୍ଦ ହୋଇଯାଇପାରେ । ବିଶେଷଜ୍ଞ ଡାନିୟେଲ ରସେଲ କହିଛନ୍ତି ଯେ ଚୀନ୍ ଦୀର୍ଘ କାଳୀକ ରଣନୀତି ଉପରେ କାର୍ଯ୍ୟ କରୁଛି । ଏଣୁ ସି ଜିନପିଙ୍ଗ ଙ୍କ କହିବା କଥା ହେଲା ଟାରିଫ ନୀତି ଆମେରିକା ବଜାର ପ୍ରଭାବରେ ନିଜକୁ ନିଜେ ଦୁର୍ବଳ ହୋଇପଡିବ ।

ପ୍ରତ୍ୟେକ ପିଲାର ଆଭ୍ୟନ୍ତରୀଣ ପ୍ରତିଭାକୁ ସଶକ୍ତ କରିବା

## ଏନଇପିର ସାମଗ୍ରିକ ଶିକ୍ଷା ଦୃଷ୍ଟିକୋଣ ପ୍ରତି କ୍ଲାସମେଟ୍ ଅଲରାଉଣ୍ଡରଙ୍କ ପ୍ରତିବଦ୍ଧତା

**ଭୁବନେଶ୍ୱର,୧୩।୪ :** ଭାରତର ଅଗ୍ରଣୀ ନୋଟବୁକ୍ ଏବଂ ଷ୍ଟେସନାରୀ ବ୍ରାଣ୍ଡ, ଆଇଟିସିର କ୍ଲାସମେଟ୍, ଏହାର ପ୍ରମୁଖ କ୍ଲାସମେଟ୍ ଅଲରାଉଣ୍ଡର (ସିଏଆର) କାର୍ଯ୍ୟକ୍ରମର ତୃତୀୟ ସଂସ୍କରଣକୁ ନୂଆଦିଲ୍ଲୀରେ ଏକ ଚମତ୍କାର ଜାତୀୟ ଫାଇନାଲ୍ ସହିତ ସମାପ୍ତ କରିଛି । ଏହି ଇଭେଂଟ ସାରା ଭାରତରୁ ୬୦ ଜଣ ଅସାଧାରଣ ଛାତ୍ରଛାତ୍ରୀଙ୍କୁ ଏକତ୍ରିତ କରିଥିଲା, ଯେଉଁମାନେ ପୂର୍ବ ଦୁଇଟି କଠୋର ପୂର୍ବ ମୂଲ୍ୟାୟନ ପରେ ଜାତୀୟ ଫାଇନାଲିଷ୍ଟ ଭାବରେ ଉଭା ହୋଇଥିଲେ । ଏହି ଫାଇନାଲିଷ୍ଟମାନେ ପ୍ରତିଷ୍ଠିତ ଅଲରାଉଣ୍ଡର ଟାଇଟଲ୍ ପାଇଁ ପ୍ରତିଯୋଗିତା କରିଥିଲେ, ଯାହା ଦୁଇଟି ଦଳର ବିଜୟ ସହିତ ଶେଷ ହୋଇଥିଲା । ପ୍ରତ୍ୟେକରେ ଚାରି ଜଣ ଛାତ୍ର ଥିଲେ । ଗୋଟିଏ ବିଜେତା ଦଳ ଜୁନିଅର ବର୍ଗ (ଶ୍ରେଣୀ ୬-୮) ଏବଂ ଅନ୍ୟଟି ବରିଷ୍ଠ ବର୍ଗ (ଶ୍ରେଣୀ ୯-୧୨) ପ୍ରତିନିଧିତ୍ୱ କରିଥିଲା । ପ୍ରତ୍ୟେକ ଛାତ୍ରଙ୍କୁ ପ୍ରତିଷ୍ଠିତ କ୍ଲାସମେଟ୍ ଅଲରାଉଣ୍ଡର ୨୦୨୪ ଟ୍ରଫି ସହିତ ଏକ ଲକ୍ଷ ନଗଦ ପୁରସ୍କାର ପ୍ରଦାନ କରାଯାଇଥିଲା । ପ୍ରତ୍ୟେକ ପିଲାଙ୍କୁ ସେମାନଙ୍କର ଭିତରର ଅଲରାଉଣ୍ଡର ପ୍ରତିଭାକୁ ଆବିଷ୍କାର କରିବାରେ ଏବଂ ସେମାନଙ୍କର ଅନ୍ତର୍ନିହିତ ସମ୍ଭାବନାକୁ ଉନ୍ମୁକ୍ତ କରିବାରେ ସାହାଯ୍ୟ କରିବାର ଏକ ଦୃଷ୍ଟିକୋଣ ସହିତ, କ୍ଲାସମେଟ୍ ଅଲ ରାଉଣ୍ଡର -କ୍ଲାସମେଟ୍ ଦ୍ୱାରା ବିକଶିତ ଏକ ନୂତନ ବୌଦ୍ଧିକ ସଂପତି, ସ୍କୁଲ ଛାତ୍ରଛାତ୍ରୀମାନଙ୍କ ପାଇଁ ବହୁ-ପରିମାଣୀୟ ଦକ୍ଷତା, ସମାଲୋଚନାମୂଳକ ଚିନ୍ତାଧାରା ଏବଂ ତାର୍କିକ ଯୁକ୍ତି, ସାଂସ୍କୃତିକ ସଚେତନତା, ପରିବେଶ ଏବଂ ସ୍ଥିରତା, କ୍ରୀଡା ଏବଂ ଫିଟନେସ୍, ନୀତିଶାସ୍ତ୍ର ଏବଂ ମୂଲ୍ୟବୋଧ ସହିତ ସୃଜନଶୀଳତା, ସାର୍ବଜନୀନ ଭାଷଣ ଏବଂ ପ୍ରଦର୍ଶନ କଳା ଭଳି ଅନ୍ୟାନ୍ୟ ଦକ୍ଷତା ସହିତ ପ୍ରତିଯୋଗିତା କରିବା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରେ, ଏବଂ ସେମାନଙ୍କର ଅନନ୍ୟ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ସ୍ଥାନ ପ୍ରଦାନ କରେ, ଯାହା ନିଶ୍ଚିତ କରେ ଯେ ଛାତ୍ରଛାତ୍ରୀମାନେ ଏକ ଗତିଶୀଳ ଏବଂ ସର୍ବଦା ପରିବର୍ତ୍ତନଶୀଳ ବିଶ୍ୱ ପାଇଁ ପ୍ରସ୍ତୁତ ଅଛନ୍ତି । ୨୦୨୪ ସଂସ୍କରଣରେ, ଭାରତର ପ୍ରମୁଖ ବହୁ-ଦକ୍ଷତା ଆନ୍ତଃ-ସ୍କୁଲ ଚ୍ୟାଲେଞ୍ଜ, ସିଏଆର, ଏହି ସଂସ୍କରଣରେ ଭାରତର ୧୪ ଟି ସହରର ୭୦୦ ଟି ସ୍କୁଲରୁ ୨.୧ ଲକ୍ଷ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ ରେକର୍ଡ କରିଥିଲା । ଶେଷରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ, ଯେଉଁମାନେ ପୂର୍ବ ସଂସ୍କରଣରେ ସ୍ଥାପନ କରାଯାଇଥିବା ଉତ୍କର୍ଷତାର ପରଂପରାକୁ ଜାରି ରଖି ବିଚାରକ ଭାବରେ କାର୍ଯ୍ୟ କରିଥିଲେ । ଭାରତୀୟ ସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ପରିଷଦ (ସିଆଇଏସସିଇ) ର ଅଧ୍ୟକ୍ଷ ଡକ୍ଟର ଜୋସେଫ୍ ଇମାନୁଏଲ୍ ମୁଖ୍ୟ ଅତିଥି ଭାବରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ରାଜସ୍ଥାନକୁ ଦାବିଲା ବେଙ୍ଗାଲୁରୁ



ଜୟପୁର,୧୩।୪: ଚଳିତ ଆଇପିଏଲ୍ ସିଜିନରେ ନିଜର ହୋମ ଗ୍ରାଉଣ୍ଡରେ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ପରାଜୟ ଭୋଗିଛି ରାଜସ୍ଥାନ ରୟାଲ୍ସ ବୋଲରଙ୍କ ମାପଚୁପ ବୋଲିଂ ପରେ ଫିଲିପ ସଲ୍ଟ ଓ ବିରାଟ କୋହଲିଙ୍କ ଚିତ୍ତାକର୍ଷକ ଅର୍ଦ୍ଧଶତକ ବଳରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଆଇପିଏଲ୍ ୨୦୨୫ର ୨୮ତମ ମ୍ୟାଚ୍‌ରେ ରାଜସ୍ଥାନକୁ ୯ ଉିକେଟ୍‌ରେ ହରାଇଛି ଷଷ୍ଠ ମ୍ୟାଚ୍‌ରୁ ଚତୁର୍ଥ ବିଜୟ ସହ ବେଙ୍ଗାଲୁରୁ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନକୁ ଉଠିଛି ।ରାଜସ୍ଥାନ ଚତୁର୍ଥ ପରାଜୟ ଭୋଗି ସପ୍ତମ ସ୍ଥାନରେ ରହିଛି ଜୟପୁରର ସଓ୍ୱାଇ ମାନସିଂ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳା ଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ଯଶସ୍ୱୀ ଜୟସ୍ୱାଲଙ୍କ ୭୫ ରନ ଓ ଧ୍ରୁବ ଜୁରେଲଙ୍କ ଅପରାଜିତ ୩୫ ରନ ବଳରେ ୪ ଉ୍ୱିକେଟ୍ ହରାଇ ୧୭୩ ରନ କରିଥିଲା ।ଜବାବରେ ବେଙ୍ଗାଲୁରୁ ଫିଲିପ ସଲ୍ଟଙ୍କ ୬୫ ରନ, କୋହଲିଙ୍କ ଅପରାଜିତ ୬୨ ରନ ଓ ଦେବଦତ୍ତ ପାଡିକଲଙ୍କ ଅପରାଜିତ ୪୦ ରନ ବଳରେ ୧୭ .୩ ଓଭରରେ ଏକ ଉିକେଟ୍ ହରାଇ ସହଜରେ ମ୍ୟାଚକୁ ଜିତି ନେଇଛି।

୧୭୪ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ବେଙ୍ଗାଲୁରୁକୁ ଭଲ ଆରମ୍ଭ ଦେଇଥିଲେ। ଦୁଇ ଓପନର ବିରାଟ କୋହଲି ଓ ଫିଲିପ ସଲ୍ଟ ସଲ୍ଟ ଆରମ୍ଭରୁ ରାଜସ୍ଥାନ ବୋଲରଙ୍କୁ ପ୍ରହାର କରି ମ୍ୟାଚ୍‌କୁ ଏକତରଫା କରିଥିଲେ। ଦୁଇ ବ୍ୟାଟର ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ ସଲ୍ଟ ୩୩ ବଲରୁ ୫ ଚୌକା ଓ ୬ ଛକା ସହ ୬୫ ରନର ବିସ୍ଫୋରକ ଇନିଂସ ଖେଳିଥିଲେ ସେ କୋହଲିଙ୍କ ସହ ଓପନିଂରେ ୯୨ ରନ ଯୋଡ଼ିଥିଲେ ।

ଏହାପରେ କୋହଲି ଓ ଦେବଦତ୍ତ ପାଡିକଲ ଇନିଂସକୁ ଆଗକୁ ବଢାଇଥିଲେ ଉଭୟ ଅବିଭାଜିତ ଦ୍ୱିତୀୟ ଉିକେଟ୍‌ରେ ୮୩ ରନ ଯୋଡ଼ିଥିଲେ। ବ୍ୟାଟରଙ୍କ ଦମଦାର ବ୍ୟାଟିଂ ବଳରେ ବେଙ୍ଗାଲୁରୁ ୧୭.୩ ଓଭରରେ ଗୋଟିଏ ଉ୍ୱିକେଟ୍ ହରାଇ ସହଜରେ ବିଜୟ ଲକ୍ଷ୍ୟ ହାସଲ କରି ନେଇଛି। କୋହଲି ୪୫ ବଲରୁ ୪ ଚୌକା ଓ ୨ ଛକା ସହ ୬୨ ରନ ଓ ଦେବଦତ୍ତ ପାଡିକଲ ୨୮ ବଲରୁ ୪୦ ରନରେ ଅପରାଜିତ ଥିଲେ ।

## ଆଜିର ମ୍ୟାଚ୍




## ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ | ୦୫ | ୦୪ | ୦୧ | ୦୮ |
| ଗୁଜରାଟ ଟାଇଟନ୍ସ | ୦୬ | ୦୪ | ୦୧ | ୦୮ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୦୬ | ୦୪ | ୦୨ | ୦୮ |
| କୋଲକାତା ନାଇଟ୍ ରାଇଡର୍ସ | ୦୬ | ୦୩ | ୦୩ | ୦୬ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୦୬ | ୦୪ | ୦୨ | ୦୮ |
| ପଞ୍ଜାବ କିଙ୍ଗ୍‌ସ | ୦୫ | ୦୩ | ୦୨ | ୦୬ |
| ରାଜସ୍ଥାନ ରୟାଲ୍‌ସ | ୦୬ | ୦୨ | ୦୪ | ୦୪ |
| ସନରାଇଜର୍ସ ହାଇଦ୍ରାବାଦ | ୦୬ | ୦୨ | ୦୪ | ୦୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୦୬ | ୦୨ | ୦୪ | ୦୪ |
| ଚେନ୍ନାଇ ସୁପର କିଙ୍ଗ୍‌ସ | ୦୬ | ୦୧ | ୦୫ | ୦୨ |

# କୋହଲିଙ୍କ ହାର୍ଟବିଟ୍ ଯାଞ୍ଚ କଲେ ସଞ୍ଜୁ



ଜୟପୁର,୧୩।୪: ରବିବାର ଜୟପୁରରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ଆଇପିଏଲ୍ ୨୦୨୫ ମ୍ୟାଚ୍‌ର ମଝିରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଷ୍ଟାରଙ୍କ ହାର୍ଟବିଟ୍ ଯାଞ୍ଚ କରାଇବା ପରେ ବିରାଟ କୋହଲି ତାଙ୍କ ପ୍ରଶଂସକ ଏବଂ ଶୁଭେଚ୍ଛୁମାନଙ୍କୁ ଭୟଭୀତ କରିଦେଇଥିଲେ ।ବିରାଟ କୋହଲିଙ୍କ ଅର୍ଦ୍ଧଶତକ ପରେ ଦ୍ୱିତୀୟ ଇନିଂସ୍‌ର ୧୫ତମ ଓଭରରେ ଏହି ଘଟଣା ଘଟିଥିଲା।

ବିରାଟ କୋହଲି ।ନିନ୍ଦୁ ହସରଙ୍ଗାଙ୍କ ଏକ ବଲରେ ଦୌଡ଼ି ଦୁଇରନ୍ ପୂରଣ କରିବା ପରେ, ପୂର୍ବତନ ଆର୍‌ସିବି ଅଧିନାୟକ ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନ୍‌ଙ୍କ ପାଖକୁ ଯାଇ ତାଙ୍କ ହାର୍ଟବିଟ୍ ଯାଞ୍ଚ କରିବାକୁ କହିଥିଲେ ସଞ୍ଜୁ ସାମସନ୍ ତୁରନ୍ତ ତାଙ୍କର ୱିକେଟ୍‌କିପିଂ ଗ୍ଲୋଭସ୍ ଖୋଲି ବିରାଟଙ୍କ ହାର୍ଟବିଟ୍ ଯାଞ୍ଚ କରିଥିଲେ ଏବଂ ନିଶ୍ଚିତ କରିଥିଲେ ଯେ ଏହା ଠିକ୍ ଅଛି ।

ମୋ ହୃଦ୍‌ବିନ୍ଧା ଯାଞ୍ଚ କର, ଷ୍ଟମ୍ପ ମାଇକ୍‌ରେ କୋହଲି କହୁଥିବା ଶୁଣାଯାଇଥିଲା ଉତ୍ତରରେ, ସଞ୍ଜୁ ସାମସନ୍ କହିଥିଲେ, ଏହା ଠିକ୍ ଅଛି ୧୫ତମ ଓଭରର ପରେ, ବିରାଟ କୋହଲି ଏବଂ ଆର୍‌ସିବି ସୁସ୍ଥ ହେବା ଏବଂ ନିଶ୍ୱାସ ନେବା ପାଇଁ ଷ୍ଟ୍ରାଟେଜିକ୍ ଟାଇମ୍-ଆଉଟ୍ ନେବାକୁ ନିଷ୍ପତ୍ତି ନେଇଥିଲେ ।ବିରାଟ କୋହଲିଙ୍କ ହୃଦ୍‌ରୋଗର ଇତିହାସ ନଥିବା ହେତୁ, ପଡ଼ିଆରେ ଏପରି ଘଟଣା ପ୍ରଥମେ ଚିନ୍ତା ସୃଷ୍ଟି କରିଥିଲା। ସେହି ଘଟଣା ପରେ ସେ ଠିକ୍ ଦେଖାଯାଉଥିଲେ ଏବଂ ଖେଳ ଶେଷ କରିଥିଲେ ସେ ୭୪ ମିନିଟ୍ ପାଇଁ ପଡିଆରେ ଥିଲେ।

ରବିବାର ଜୟପୁରରେ ଅତ୍ୟଧିକ ଗରମ ଅନୁଭବ ହୋଇଥିଲା ଏବଂ ତାପମାତ୍ରା ୪୨ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା ବିରାଟ କୋହଲି ୪୫ ବଲ୍ ଖେଳି ୬୨ ରନ୍ କରିଥିଲେ, ଯେଉଁଥିରେ ଚାରି ଚୌକା ଏବଂ ଦୁଇଟି ଛକା ସାମିଲ ଥିଲା ।ବିରାଟ କୋହଲି ସ୍ୱତନ୍ତ୍ର କ୍ଲବ୍‌ରେ ପ୍ରବେଶ କରିଥିଲେ।

ଏହି ସମୟରେ, ବିରାଟ କୋହଲି ଏକ ବିଶାଳ ରେକର୍ଡ ଭାଙ୍ଗିଥିଲେ ଏବଂ ଟି-୨୦ ଫର୍ମାଟରେ ଅର୍ଦ୍ଧଶତକର ଶତକ ପୂରଣ କରିବାରେ ଦ୍ୱିତୀୟ ବ୍ୟାଟ୍ସମ୍ୟାନ୍ ହୋଇଥିଲେ। ଭାରତୀୟ ଖେଳାଳି ସ୍ୱତନ୍ତ୍ର କ୍ଲବ୍‌ରେ ପ୍ରବେଶ କରିଥିଲେ, ଯେଉଁଥିରେ କେବଳ ଡେଭିଡ୍ ୱାର୍ଣ୍ଣର ଏକମାତ୍ର ସଦସ୍ୟ ଥିଲେ ପୂର୍ବତନ ଅଷ୍ଟ୍ରେଲିଆ। ଷ୍ଟାର ଟି-୨୦ ଫର୍ମାଟରେ ଆଶ୍ଚର୍ଯ୍ୟଜନକ ୧୦୮ ଅର୍ଦ୍ଧଶତକ ହାସଲ କରିଥିଲେ। ଏହି ମୁକାବିଲାରେ ଆରସିବି ୨.୩ ଓଭର ବାକି ଥିବାବେଳେ ଏବଂ ହାତରେ ନଅ ଉ୍ୱିକେଟ୍ ବାକି ଥାଇ ରାଜସ୍ଥାନ ରୟାଲ୍ସର ୧୭୩/୪ ରନ୍‌କୁ ପିଛା କରିଥିଲା ଏହି ବିଜୟ, ଯାହା ଆରସିବିର ଛଅଟି ମ୍ୟାଚ୍ ମଧ୍ୟରୁ ଚତୁର୍ଥ ଥିଲା, ପଏଣ୍ଟ ଟେବୁଲରେ ତୃତୀୟ ସ୍ଥାନକୁ ଉଠିଥିଲା।

# ବିସ୍ଥାପିତ ଆଫଗାନିସ୍ତାନ ମହିଳା କ୍ରିକେଟରଙ୍କୁ ସହଯୋଗରେ ହାତ ବଢାଇଲା ଆଇସିସି



ନୂଆଦିଲ୍ଲୀ, ୧୩।୪: ତାଲିବାନ ଭୟରେ ଅଷ୍ଟ୍ରେଲିଆରେ ନିର୍ବାସନରେ ରହୁଥିବା ଆଫଗାନିସ୍ତାନ ମହିଳା କ୍ରିକେଟ ଖେଳାଳିଙ୍କୁ ସହାୟତାର ହାତ ବଢ଼ାଇଲା ଆଇସିସି । ଜୟ ଶାହଙ୍କ ନେତୃରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ () ରବିବାର ଏକ ନୂଆ ପ୍ରୟାସ ଆରମ୍ଭ କରିଛି । ଆଫଗାନିସ୍ତାନର ବିସ୍ଥାପିତ ମହିଳା କ୍ରିକେଟରମାନଙ୍କ ପାଇଁ ଏକ ଟାସ୍କ ଫୋର୍ସ ଗଠନ କରାଯାଇଛି।

ସେମାନଙ୍କୁ ସହଯୋଗର ହାତ ବଢାଇବା ପାଇଁ ଆଇସିସି ଭାରତ, ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆର କ୍ରିକେଟ ବୋର୍ଡର ସହଯୋଗ ଲୋଡ଼ିଛି ଆଇସିସି ଏହି ପଦକ୍ଷେପ ମାଧ୍ୟମରେ ଆଫଗାନିସ୍ତାନର ପ୍ରତିଭାବାନ ମହିଳା କ୍ରିକେଟରମାନଙ୍କୁ କେବଳ ସେମାନଙ୍କ କ୍ରିକେଟ କ୍ୟାରିୟରରେ ନୁହେଁ ବରଂ ବ୍ୟକ୍ତିଗତ ସ୍ତରରେ ମଧ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି।

ଏହି ପଦକ୍ଷେପ ମାଧ୍ୟମରେ ଆଫଗାନୀ ମହିଳା କ୍ରିକେଟରମାନଙ୍କୁ ଖେଳିବା ଜାରି ରଖିବା ପାଇଁ ଆବଶ୍ୟକ ସମ୍ବଳ ଯୋଗାଇ ଦେବାକୁ ଆଇସିସି ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରିବ ଏଥିପାଇଁ ଏକ ପାଣ୍ଠି ଗଠନ କରାଯିବ। କେବଳେ ସେତିକି ନୁହେଁ, ସେମାନେ ଯେମିତି ପୂର୍ବପରି ଭଲ ଖେଳ ପ୍ରଦର୍ଶନ କରିପାରିବେ। ଏଥିପାଇଁ ଉନ୍ନତ ପ୍ରଶିକ୍ଷଣ, ବିଶ୍ୱସ୍ତରୀୟ ସୁବିଧା ଏବଂ ଅନୁକୂଳ ମାର୍ଗଦର୍ଶନ କରାଯିବ। ଏଥିପାଇଁ ଏକ ହାଇ ପରଫର୍ମାନ୍ସ ପ୍ରୋଗ୍ରାମର ଆୟୋଜନ କରାଯିବ। ଏନେଇ ଆଇସିସି ଅଧ୍ୟକ୍ଷ ଜୟ ଶାହ ଖୁସି ବ୍ୟକ୍ତି କରିଛନ୍ତି। ଏକ୍ସରେ ପୋଷ୍ଟ କରି ସେ କହିଛନ୍ତି, ଯେକୌଣସି ପରିସ୍ଥିତି ହେଉନା କାହିଁକି, ପ୍ରତ୍ୟେକ କ୍ରିକେଟରଙ୍କୁ ସଫଳତା ହାସଲ କରିବାକୁ ଏକ ସୁଯୋଗ ଦେବ ପାଇଁ ପୂରା ଆଇସିସି ଦଳ ପ୍ରତିଶ୍ରୁତି ବଦ୍ଧ ଆମେ ଆମର ଅଂଶୀଦାରମାନଙ୍କ ସମର୍ଥନରେ ଏହି ଟାସ୍କ ଫୋର୍ସ ଏବଂ ପାଣ୍ଠି ଗଠନ କରି ଗର୍ବିତ ଆଫଗାନିସ୍ତାନର ବିସ୍ଥାପିତ ମହିଳା କ୍ରିକେଟରମାନେ ଏହି ହାଇ ପରଫର୍ମାନ୍ସ କାର୍ଯ୍ୟକ୍ରମ ଅଧୀନରେ କିଭଳି ଆଗକୁ ବଢ଼ିପାରିବେ ତାହା ସୁନିଶ୍ଚିତ କରିବାକୁ ଚାହୁଁଛୁ।

ସୂଚନା ଥାଉକି ଆଫଗାନିସ୍ତାନରେ ତାଲିବାନ ସରକାର କ୍ଷମତାକୁ ଆସିବା ପରେ, ମହିଳାମାନଙ୍କୁ ପାଠପଢ଼ା, କ୍ରୀଡ଼ାରେ ଅଂଶଗ୍ରହଣ କରିବା ସମେତ ଅନେକ କାମରୁ ବ୍ୟାନ୍ କରାଯାଇଛି । ତେବେ ଆପଣଙ୍କ ସୂଚନା ପାଇଁ ଜଣାଇ ଦେଉଛି କି ଦିନେ ଇଂଲଣ୍ଡ ଏବଂ ଅଷ୍ଟ୍ରେଲିଆ। ଦୁଇଟି ଏପରି ବଡ଼ ଦେଶ ଯେଉଁମାନେ ମହିଳା ସଶକ୍ତିକରଣର କାରଣ ଦର୍ଶାଇ ଆଫଗାନିସ୍ତାନ ପୁରୁଷ ଦଳ ସହିତ ଖେଳିବାକୁ ମନା କରିଦେଇଥିଲେ।

## ଗାଙ୍ଗୁଲିଙ୍କ ପାଇଁ ଖୁସି ଖବର

ମୁମ୍ବାଇ ୧୩।୪: ଭାରତୀୟ କ୍ରିକେଟ ଟିମର ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ପୁଣି ଥରେ ଆଇସିସି ପୁରୁଷ କ୍ରିକେଟ କମିଟିର ଅଧ୍ୟକ୍ଷ ମନୋନୀତ ହୋଇଛନ୍ତି ସେହିପରି ପୂର୍ବତନ ଭାରତୀୟ ବ୍ୟାଟସମ୍ୟାନ ଭି.ଭି.ଏସ ଲକ୍ଷ୍ମଣ କମିଟିର ପ୍ୟାନେଲ ସଦସ୍ୟ ରୂପେ କାୟମ ଅଛନ୍ତି କ୍ରିକେଟର ବୈଶ୍ୱିକ ସଂସ୍ଥା ରବିବାର ଏହି ସୂଚନା ଦେଇଛି ।୨୦୦୦ରୁ ୨୦୦୫ ମସିହା ପର୍ଯ୍ୟନ୍ତ ଭାରତୀୟ ଟିମ୍‌ର ନେତୃ ନେଇଥିବା ଗାଙ୍ଗୁଲି ୨୦୨୧ରେ ପ୍ରଥମ ଥର ଏହି କମିଟିର ଅଧ୍ୟକ୍ଷ ହୋଇଥିଲେ ।

## ସର୍ବଭାରତୀୟ ହକି ଚାମ୍ପିଅନସିପ୍

# ସେମି ଫାଇନାଲ ଲାଇନଅପ୍ ଚୂଡ଼ାନ୍ତ



ଭୁବନେଶ୍ୱର,୧୩।୪ : ଓଡ଼ିଶା ପୁଲିସ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ହକି କଂପ୍ଲେକ୍ସରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୁଲିସ ହକି ଚମ୍ପିଆନସିପ୍ ୨୦୨୫ ରବିବାର ଖେଳାଯାଇଥିବା ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ ପଞ୍ଜାବ ଓ କର୍ଣ୍ଣାଟକ( ପୁରୁଷ)ପୋଲିସ ମଧ୍ୟରେ ହୋଇଥିଲା। ଏହି ମ୍ୟାଚରେ ପଞ୍ଜାବ, କର୍ଣ୍ଣାଟକ ପୋଲିସ ଦଳକୁ ୬-୦ ଗୋଲ ବ୍ୟବଧାନରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି।

ସେହିପରି ଦ୍ୱିତୀୟ କ୍ୱାଟର ଫାଇନାଲ ମ୍ୟାଚ ବିଏସଏଫ ଓ ଉତ୍ତର ପ୍ରଦେଶ ( ପୁରୁଷ) ପୋଲିସ ଦଳ ମଧ୍ୟରେ ଖେଳା ଯାଇଥିଲା। ଏହି ପ୍ରତିଦ୍ୱନ୍ଦୀତାମୂଳକ ମ୍ୟାଚରେ ବିଏସଏଫ, ଉତ୍ତର ପ୍ରଦେଶ ପୋଲିସ ଦଳକୁ ୪-୩ ଗୋଲରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି।

ସେହିପରି ତୃତୀୟ କ୍ୱାଟର ଫାଇନାଲ ମ୍ୟାଚ ସିଆରପିଏଫ ଓ ମଣିପୁର ( ପୁରୁଷ)ପୋଲିସ ଦଳ ମଧ୍ୟରେ ଖେଳା ଯାଇଥିଲା। ଏହି ମ୍ୟାଚରେ ସିଆରପିଏଫ, ମଣିପୁର ପୋଲିସ ଦଳକୁ ୫-୧ ଗୋଲରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି।

ସେହିପରି ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ସିଆଇଏସଏଫ ଓ ଆଇଟିବିପି ( ପୁରୁଷ) ଦଳ ମଧ୍ୟରେ ଖେଳା ଯାଇଥିଲା। ଏହି ପ୍ରତିଦ୍ୱନ୍ଦୀତାମୂଳକ ମ୍ୟାଚରେ ଆଇଟିବିପି , ସିଆଇଏସଏଫ ପୋଲିସ ଦଳକୁ ୩-୨ ଗୋଲରେ ପରାସ୍ତ କରି ସେମି ଫାଇନାଲରେ ପ୍ରବେଶ କରିଛି।

ଆଜିର ବିଭିନ୍ନ ମ୍ୟାଚ ସମୟରେ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଏଚଆରପିସି) ଶ୍ରୀ ଯତୀନ୍ଦ୍ର କୋୟଲ, ଆଇଜିପି (ଗୁଇନ୍ଦା) ଶ୍ରୀ ଜୟ ନାରାୟଣ ପଙ୍କଜ, ଆଇଜିପି (କ୍ରାଇମବ୍ରାଞ୍ଚ) ଡା. ସାର୍ଥକ ଷଡ଼ଙ୍ଗୀ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

# ବିପକ୍ଷ ଦଳର ଅଭିଷେକଙ୍କୁ ପ୍ରଶଂସା କଲେ ପ୍ରୀତି



ନୂଆଦିଲ୍ଲୀ, ୧୩୪: ଶତ୍ରୁଙ୍କ ପ୍ରେମରେ ପଡ଼ିଯାଇଛନ୍ତି ଚୁଲବୁଲି ପ୍ରୀତି ଜିଣ୍ଟା ଆପଣ ଭାବୁଥିଲେ କାହିଁକି ଏବଂ କିଭଳି ? କାରଣ ଶତ୍ରୁଜଣଙ୍କ ଏପରି ଏକ କାମ କରିଛନ୍ତି ଯେ ତାଙ୍କୁ ସେ ଅଣଦେଖା କରିପାରି ନାହାନ୍ତି। ଆମେ ଅଭିଷେକ ଶର୍ମାଙ୍କ କଥା କହୁଛୁ, ଯିଏ ଏପ୍ରିଲ ୧୨ରେ ପ୍ରୀତି ଜିଣ୍ଟାଙ୍କ ଦଳ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ବିସ୍ଫୋରକ ଇନିଂସ ଖେଳିଥିଲେ ଯଦିଓ ସେ ବିରୋଧୀ ଟିମ୍‌ରୁ ଆସିଥିଲେ, ତଥାପି ସେ ପ୍ରୀତି ଜିଣ୍ଟାଙ୍କ ମନ ଜିଣି ନେଇଥିଲେ।

ଅଭିଷେକ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଏକ ବିସ୍ଫୋରକ ଇନିଂସ ଖେଳିଥିଲେ, ଯାହା ପଞ୍ଜାବ କିଙ୍ଗ୍ସକୁ ପରାଜୟ ମୁଖକୁ ଠେଲି ଦେଇଥିଲା କିନ୍ତୁ ଏସବୁ ଭିତରେ ଶତକ ହାସଲ କରିବା ପରେ ତାଙ୍କର ସେଲିବ୍ରେଶନକୁ କେହି କିପରି ଭୁଲିପାରିଥାନ୍ତା ? ଅଭିଷେକଙ୍କ ସିଗ୍ନେଚର ସେଲିବ୍ରେଶନ ଦେଖି ପ୍ରୀତି ଜିଣ୍ଟା ତାଙ୍କର ଫ୍ୟାନ ହୋଇଯାଇଥିଲେ ଏବଂ ମ୍ୟାଚ ପରେ କିଛି ସମୟ ପାଇଁ ତାଙ୍କ ସହିତ ଗପସପ କରୁଥିବାର ଦେଖାଯାଇଥିଲା।

ମ୍ୟାଚ ପରେ, ପ୍ରୀତି ଜିଣ୍ଟାଙ୍କୁ କେବଳ ପଡ଼ିଆରେ ଅଭିଷେକ ଶର୍ମାଙ୍କୁ ଭେଟିବାର ଦେଖାଯାଇ ନ ଥିଲା ବରଂ ସେ ନିଜେ ତାଙ୍କର ସିଗ୍ନେଚର ସେଲିବ୍ରେସନ ମଧ୍ୟ କରିଥିଲେ। ପଡ଼ିଆରେ ଦେଖାଯାଇଥିବା ସେହି ଦୃଶ୍ୟର ଫଟୋ ଏବଂ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି।

ତେବେ ପଞ୍ଜାବ କିଙ୍ଗସ ବିପକ୍ଷ ମ୍ୟାଚ୍‌ରେ ଅଭିଷେକ ଶର୍ମା ୫୫ ବଲରେ ୧୪୧ ରନ କରିଥିଲେ ।୨୫୬.୩୬ ଷ୍ଟ୍ରାଇକ ରେଟ୍‌ରେ ସେ ଖେଳିଥିଲେ। ତାଙ୍କ ଇନିଂସରେ ୧୦ଟି ଛକା ଏବଂ ୧୪ଟି ଚୌକା ଥିଲା। ଏହି ଇନିଂସରେ ସେ ମାତ୍ର ୪୦ ବଲରେ ତାଙ୍କର ଶତକ ପୂରଣ କରିଥିଲେ, ଯାହା ର ଯେକୌଣସି ବ୍ୟାଟ୍ସମ୍ୟାନଙ୍କ ଦ୍ୱାରା ଲଗାଯାଇଥିବା ଦ୍ୱିତୀୟ ଦ୍ରୁତତମ ଶତକ ଥିଲା । ଏହା ୨୦୨୫ ରେ ଲଗାଯାଇଥିବା ତୃତୀୟ ଶତକ ଏହା ଅଭିଷେକ ଶର୍ମାଙ୍କ କ୍ୟାରିୟରର ପ୍ରଥମ ଶତକ।

ସୂଚନାଯୋଗ୍ୟ, ପ୍ରଥମେ ବ୍ୟାଟିଂ କରି, ପ୍ରୀତି ଜିଣ୍ଟାଙ୍କ ଦଳ ପଞ୍ଜାବ କିଙ୍ଗସ ସନରାଇଜର୍ସ ହାଇଦ୍ରାବାଦ ପାଇଁ ୨୪୬ ରନର ଟାର୍ଗେଟ ଦେଇଥିଲା, ଯାହାକୁ ସେମାନେ ୯ ବଲ ବାକିଥାଇ ହାସଲ କରି ନେଇଥିଲେ। ଏହା ଆଇପିଏଲ ଇତିହାସରେ ଦ୍ୱିତୀୟ ସବୁଠାରୁ ବଡ଼ ଟାର୍ଗେଟ ଥିଲା।

ଏହା ପୂର୍ବରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୫ରେ, ପଞ୍ଜାବ କିଙ୍ଗସର ଓପନର ପ୍ରିୟାଂଶ ଆର୍ଯ୍ୟ ଚେନ୍ନାଇ ସୁପର କିଙ୍ଗସ ବିପକ୍ଷରେ ଏକ ଶତକ ହାସଲ କରି ପଞ୍ଜାବ କିଙ୍ଗସର ସହ-ମାଲିକ ଏବଂ ବଲିଉଡ୍ ଅଭିନେତ୍ରୀ ପ୍ରୀତି ଜିଣ୍ଟାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରୀତି ଯୁବ ବ୍ୟାଟସମ୍ୟାନଙ୍କ ପ୍ରଶଂସା କରି କହିଛନ୍ତି ଯେ ସେ କ୍ରିକେଟର ଏହି ବିସ୍ଫୋରକ ଖେଳରେ ଏକ ଉଜ୍ଜ୍ୱଳ ତାରା ଉଦୟ ହେଉଥିବା ଦେଖିଛନ୍ତି। ପଞ୍ଜାବ କିଙ୍ଗସ୍ ଏବଂ ଚେନ୍ନାଇ ସୁପର କିଙ୍ଗସ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରିୟାଂଶ ଆର୍ଯ୍ୟ ୩୯ ବଲ୍‌ରେ ଶତକ ହାସଲ କରିଥିଲେ, ଯାହା ଆଇପିଏଲ୍ ଇତିହାସରେ ଚତୁର୍ଥ ଦ୍ରୁତତମ ଶତକ। ପ୍ରୀତି ତାଙ୍କ ଇନଷ୍ଟାଗ୍ରାମରେ ପ୍ରିୟାଂଶଙ୍କ ସହ କିଛି ଫଟୋ ସେୟାର କରି ଲେଖିଛନ୍ତି, ସେହି ରାତିଟି ବହୁତ ସ୍ୱତନ୍ତ୍ର ଥିଲା ଆମେ କ୍ରିକେଟର ଏକ ବିସ୍ଫୋରକ ଖେଳ, ଜଣେ କିମ୍ବଦନ୍ତୀଙ୍କ ଗର୍ଜନ ଏବଂ ଏକ ଉଜ୍ଜ୍ୱଳ ତାରା ଜନ୍ମ ଦେଖିଲୁ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ